## ସଂକ୍ଷେପରେ

### ରାଜ୍ୟସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିବେ ପୂଜାରାଣୀ



**ଅମରପାଲି, ୧୧।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ସରକାରୀ ୟୁପି ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀ ପୂଜାରାଣୀ ବେହେରା ରାଜ୍ୟସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିବେ। ସେ ସୃଜନଶୀଳ ଲିଖନ କନିଷ୍ଠ ବର୍ଗ ପାଇଁ ଚୟନ ହୋଇଛନ୍ତି। ପୂଜାରାଣୀ କ୍ଲଷ୍ଟର ସ୍ତରୀୟ, ବ୍ଲକସ୍ତରୀୟ ଓ ଜିଲସ୍ତରୀୟ ସୁରଭିର ସୃଜନଶୀଳ ପ୍ରତିଯୋଗିତାରେ ପ୍ରଥମ ହୋଇ ରାଜ୍ୟସ୍ତରକୁ ବିବେଚିତ ହୋଇଛନ୍ତି। ନଭେମ୍ବର ୧୨ରୁ ୧୪ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ୟୁନିଟ-୯ କ୍ୟାପିଟାଲ ହାଇସ୍କୁଲରେ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭିରେ ଅଂଶ ଗ୍ରହଣ ପାଇଁ ଯାଇଛନ୍ତି। ଏନେଇ ପୂଜାରାଣୀଙ୍କୁ ଅମରପାଲି ସରକାରୀ ୟୁପି ସ୍କୁଲରେ ଏକ ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷକ ଦୁଃଖୀଶ୍ୟାମ ଭୋଇ, ଶିକ୍ଷକ ପ୍ରାଣବନ୍ଧୁ ସାହୁ, ଯଦୁମଣି ବାଘ, ତପକିରଣ ସାହୁ, ଶୁଭାଶିଷ ମିଶ୍ର, ରାଜୀବ ଦୀପ, ପ୍ରଦୀପ ଜଗଦଲା, ଅମୂଲ୍ୟ ମହାରଣା, ଶିକ୍ଷୟିତ୍ରୀ ଆନନ୍ଦିନି ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି ବିଷ୍ଣୁଚରଣ ଧଳ, ପଞ୍ଚଶଖା ଶିକ୍ଷା ସେତୁ ସଭାପତି ପୀତାମ୍ବର ସାହୁ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# କପାକ୍ଷେତ ଫାଟି ଆଁ, ଫସଲ କ୍ଷତିଗ୍ରସ୍ତ

**ଅମରପାଲି, ୧୧।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କୃଷି ଜିଲାରେ ଧାନ ପରେ କପା ହେଉଛି ସର୍ବାଧିକ ଚାଷ ହେଉଥିବା ଫସଲ। ଚଳିତବର୍ଷ ଚାଷ ଭଲ ହୋଇଥିଲା। ମାତ୍ର ଆଜକୁ ଅଢେଇ ମାସ ହେଲା ଅଞ୍ଚଳରେ ଆଦୌ ବର୍ଷା ହୋଇନାହିଁ। ଗଛରେ ଫୁଲ ଧରିବା ସମୟରେ ବର୍ଷାଭାବ ଦେଖାଦେଲା। ତେଣୁ କପା ଗଛ ଏବେ ଝାଉଁଳି ପଡ଼ି ନଷ୍ଟ ହେବାକୁ ବସିଲାଣି। ତେଣୁ ବୀରମହାରାଜପୁର କୃଷି ଜିଲାର କପା ଚାଷୀ ଆଶଙ୍କିତ ହୋଇ ପଡିଛ

ବୀରମହାରାଜପୁର ବ୍ଲକରେ ଏବର୍ଷ ପ୍ରାୟ ୪ ହଜାର ହେକ୍ଟର ଜମିରେ କପା ଚାଷ ହୋଇଛି। ଏହି ଅଞ୍ଚଳରେ ଧାନଚାଷ ଅପେକ୍ଷା ଅଧିକ ଆୟ ପାଇବା ଆଶାରେ ଲୋକେ କପାଚାଷ ପାଇଁ ଆଗେଇ ଆସିଥିଲେ। ବିଗତ ବର୍ଷମାନଙ୍କରେ ଭଲ ବର୍ଷା ହୋଇଥିବାରୁ କପା ଚାଷୀ ଲାଭବାନ ହୋଇଥିଲେ। କିନ୍ତୁ ଏଇ ବର୍ଷ କପା ଚାଷ ପାଇଁ ଉପଯୁକ୍ତ ପରିମାଣରେ ବର୍ଷା ହେଉନାହିଁ। ଅପରପକ୍ଷରେ ଏହି ଅଞ୍ଚଳରେ କପାଚାଷ ପାଇଁ ଜଳସେଚନର ସୁବିଧା ନାହିଁ। ଫଳରେ କପା ଗଛଗୁଡ଼ିକ ପାଣି ଅଭାବରୁ ମରିଗଲାଣି। ବଞ୍ଚିଥିବା କିଛି କପା ଗଛରେ ଫୁଲ ଆସୁନାହିଁ। ଗଛରୁ ପତ୍ର ଶୁଖି ଗଲାଣି, ଫଳ ସବୁ ଝଡିବାକୁ ଲାଗିଲାଣି। ଖୁସି ହେବା ସମୟରେ ଚାଷୀ ଏବେ ଚିନ୍ତାରେ। ସୁବର୍ଣ୍ଣପୁର ଜିଲାରେ ଚଳିତବର୍ଷ ମୋଟ ୫ ହଜାର ୯ ଶହ ହେକ୍ଟର ଜମିରେ କପା ଚାଷ ହୋଇଛି। ସେଥିମଧ୍ୟରୁ ବୀରମହାରାଜପୁର ଉପଖଣ୍ଡରେ ଜଟେସିଂହା, ମୁର୍ଷୁଣ୍ଡି, ଖଣ୍ଡହତା, କେନ୍ଦୁଝିରିଆପାଲି, ସୁବଳୟା, ବହଳପଦର, ଦୁର୍ଜନତୈଳା ଆଦି ପଞ୍ଚାୟତମାନଙ୍କର ବିଭିନ୍ନ ସ୍ଥାନରେ ପ୍ରାୟ ୪ ହଜାରରୁ ଅଧିକ ହେକ୍ଟର ଜମିରେ କପା ଚାଷ ହୋଇଛି। ହେଲେ ଚଳିତବର୍ଷ ପ୍ରଥମରୁ ଭଲ ବର୍ଷା ହୋଇଥିଲେ ହେଁ ଶେଷ ସମୟରେ ଆଦୌ ହୋଇନାହି। ଫଳରେ କପାଚାଷ ଉପରେ ଏହାର ଜୋରଦାର୍ ପ୍ରଭାବ ପଡିଛି। ଏହି ପରିସ୍ଥିତିରେ କ୍ଷୟକ୍ଷତି ଆକଳନ କରି କପାଚାଷୀଙ୍କୁ ସରକାରୀ ସହାୟତା ପ୍ରଦନ କରିବାକୁ ବଳରାମ ପ୍ରଧାନ, ବିଦ୍ୟାଧର ଖୁର୍ଡିଆ, ଦୁର୍ଯ୍ୟୋଧନ ପ୍ରଧାନ, ସୁମନ୍ତ ମହାକୁର, ନରେନ୍ଦ୍ର ନାୟକ, ରଞ୍ଜିତ ଖେତି ପ୍ରମୁଖ ଚାଷୀ ଦାବି କରିଛନ୍ତି।



ପାଣି ଅଭାବରୁ ଭୁତିଆପାଲି ଗ୍ରାମର କ୍ଷତିଗ୍ରସ୍ତ ଏକ କପାକ୍ଷେତ।

■ ବୀରମହାରାଜପୁର କୃଷି ଜିଲା
■ ଫୁଲ ଧରିବା ସମୟରେ ବର୍ଷାନାହିଁ

# ଯୁଗ୍ମ ଅଭିଯୋଗ ଶୁଣାଣିରେ ୭୭ ଅଭିଯୋଗ



ଶିବିରରେ ଜନ ଅଭିଯୋଗ ଗ୍ରହଣ କରାଯାଉଛି।

**ଅମରପାଲି, ୧୧।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୭୭ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ୬୬ ଏବଂ ୧୧ ଟି ସାମୂହିକ ଥିଲଶ। ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ ପ୍ରିୟଦର୍ଶନୀ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅଧିକ୍ଷଣ ଯନ୍ତ୍ରୀ ପିଡବ୍ଲ୍ୟୁଡି ଇଂ. ଦାମୋଦର କୈବର୍ତ୍ତ, ଆରଡବ୍ଲୁଏସ୍ଏସ ଅଧୀକ୍ଷଣ ଯନ୍ତ୍ରୀ ତପନ ପଧାନ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡିଏସ୍ଡବ୍ଲୁଓ ଅନୁପମା ପଣ୍ଡା, କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ତହସିଲଦାର ପୁନମ ମହାପାତ୍ର ଯୋଗଦେଇଥିଲେ।

# ତାଲା ଭାଙ୍ଗି ଦୁର୍ଗା ମନ୍ଦିର ହୁଣ୍ଡିରୁ ଚୋରି

### ସିସିଟିଭି ଫୁଟେଜ୍ ଆଧାରରେ ପୋଲିସର ତନାଘନା

**ସୋନପୁର, ୧୧।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ଗଡଭିତର ସ୍ଥିତ ଦୁର୍ଗା ମନ୍ଦିରରୁ ରବିବାର ରାତିରେ ଚୋରି ହୋଇଛି। ଚୋର ମୁଖ୍ୟ ଫାଟକ ତାଲା ଭାଙ୍ଗି ପ୍ରଥମେ ମନ୍ଦିର ଭିତରେ ପ୍ରବେଶ କରିଥିଲା। ପରେ ହୁଣ୍ଡି ଭାଙ୍ଗି ସବୁ ଦାନ ଟଙ୍କା ନେଇଯାଇଛି। ସକାଳେ ପୂଜକ ପ୍ରହଲ୍ଲାଦ ଦାଶ ମନ୍ଦିରକୁ ପୂଜା କରିବାକୁ ଆସିବା ପରେ ଏହି ଘଟଣା ଜଣାପଡିଥିଲା। ପୂଜକ ପ୍ରଥମେ ମନ୍ଦିର କମିଟିକୁ ଜଣାଇଥିଲେ। ପରେ ସେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନରେ ଏକ ମାମଲା ରୁଜୁ ହୋଇଛି। ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି। ଆଇଆଇସି ରଞ୍ଜିତ କୁମାର ସାହୁ ଘଟଣାର ତଦନ୍ତ କରୁଛନ୍ତି।

ପୋଲିସ ସନ୍ଧାନୀ କୁକୁର ଓ ବୌଦ୍ଧରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ସହାୟତାରେ ସୋମବାର ତଦନ୍ତ କରିଛି। ସିସିଟିଭି ଫୁଟେଜ୍‌ରୁ ଚୋର ସିଂହ ମୂର୍ତ୍ତି ପାର୍ଶ୍ୱ ଦେଇ ମନ୍ଦିର ସମ୍ମୁଖକୁ ଆସିବା ସହ ତାଲା ଭାଙ୍ଗିଥିବା ଜଣାପଡିଛି। ଜଣେ ଚୋର ଏଥିରେ ସମ୍ପୃକ୍ତ ଥିବା ସ୍ପଷ୍ଟ ହୋଇଛି। ତେବେ ଚୋର ହୁଣ୍ଡିରୁ କେବଳ ନଗଦ ଦାନ ଟଙ୍କା ହିଁ ଚୋରି କରିଛି। ମନ୍ଦିର ଆଲମିରା ତାଲା ଭାଙ୍ଗିଥିଲେ ମଧ୍ୟ କୌଣସି ସାମଗ୍ରୀ କିମ୍ବା ମା' ଦୁର୍ଗାଙ୍କ ଅଳଙ୍କାର ଚୋରି ହୋଇ ନଥିବା ପୋଲିସ ତଦନ୍ତରୁ ଜଣାପଡିଛି। ସୂଚନା ଅନୁଯାୟୀ ଗତ ବର୍ଷ ଦୁର୍ଗାପୂଜା ପରେ ଠିକ୍ ଏଭଳି ଢଙ୍ଗରେ ହୁଣ୍ଡି ଭାଙ୍ଗି ଦାନ ଟଙ୍କା ଚୋରି ହୋଇଥିଲା। ପୂର୍ବରୁ ଆଉ ଥରେ ଚୋରି ହୋଇଥିଲା। ପୋଲିସ ସେତେବେଳେ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଥିଲା। ଚଳିତ ଥର ଦୁର୍ଗାପୂଜା ପରେ କମିଟି ପକ୍ଷରୁ ମନ୍ଦିର ହୁଣ୍ଡି ଖୋଲା ଯାଇ ନଥିଲା। ଏହି ସୁଯୋଗରେ ଗତ ବର୍ଷ ଭଳି ସମାନ ଢଙ୍ଗରେ ହୁଣ୍ଡିରୁ ଦାନ ଟଙ୍କା ଚୋରି ହୋଇଛି। ନବ ନିର୍ମିତ ମନ୍ଦିରରୁ ବାରମ୍ବାର ଚୋରି ହେବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।



ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ କରୁଛି।

# ନିଖୋଜ ମା' ଓ ପୁଅକୁ ଉଦ୍ଧାର କଲା ପୋଲିସ

**କନ୍ଧମାଳ, ୧୧।୧୧(ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ଗୁଡଭେଲିପଦର ଗ୍ରାମରୁ ନିଖୋଜ ଥିବା ମା' ଓ ପୁଅଙ୍କୁ ସୋମବାର ଦିନ ମନମୁଣ୍ଡା ପୋଲିସ ଉଦ୍ଧାର କରିଛି । ପ୍ରକାଶ ଯେ, ଗତ ୩ ତାରିଖ ରାତିରେ ଗୁଡଭେଲିପଦର ଗ୍ରାମର ସଞ୍ଜୀବ କୁମାର ମହାପାତ୍ରଙ୍କ ସ୍ତ୍ରୀ ସୋନାଲି ପାଢୀ (୨୮) ଓ ତାଙ୍କ ପାଞ୍ଚ ବର୍ଷର ପୁଅ କେଉଁ ଆଡେ ଚାଲି ଯାଇଥିଲେ । ସଞ୍ଜୀବଙ୍କ ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ ୩୨୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ସୋମବାର ଦିନ ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଚଢାଉ କରିଥିଲା । ଶେଷରେ ବଲାଙ୍ଗୀର ଜିଲା ସଇଁତଲା ଥାନା ଟିକ୍ରପଡା ଫାଣ୍ଡି ଅନ୍ତର୍ଗତ ଖସେଲବାଲି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ନିଖୋଜ ମା' ଓ ପୁଅଙ୍କୁ ଉଦ୍ଧାର କରିଥିଲା । ଉଭୟଙ୍କୁ ଥାନାକୁ ଆଣି ଅଧିକ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଧନଞ୍ଜୟ ବେହେରା ସୂଚନା ଦେଇଛନ୍ତି।

# ରାଜ୍ୟସ୍ତରୀୟ ଦୌଡ଼କୁଦ: ସୁମନ୍ତୀଙ୍କୁ ସ୍ୱର୍ଣ୍ଣ

**ଅମରପାଲି , ୧୧।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ପଞ୍ଚାୟତ ସେରଗେଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସୁମନ୍ତୀ ରାଜହଂସଙ୍କୁ ଦୌଡ଼କୁଦ ପ୍ରତିଯୋଗିତାରେ ମିଳିଛି ସଫଳତା। କେନ୍ଦୁଝର ସ୍ପୋର୍ଟସ କମ୍ପ୍ଲେକସରେ ୬୮ତମ ଓଡ଼ିଶା ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗିତରେ ଅଂଶଗ୍ରହଣ କରି ପାଇଛନ୍ତି ଏହି ସଫଳତା। ଏହି ପ୍ରତିଯୋଗିତାର ୬ଶହ ମିଟର ଦୌଡରେ ସେ ସ୍ୱର୍ଣ୍ଣ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ସେ ୬ଶହ ମିଟର ଦୂରତାକୁ ୧.୪୮ ମିନିଟରେ ଅତିକ୍ରମ କରି ସଫଳତା ହାସଲ କରିଛନ୍ତି। ସେ ପଢୁଥିବା ସଂଗ୍ରାମପୁର ସ୍କୁଲ ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ର, ଶିକ୍ଷକ ସଞ୍ଜୀବ କୁମାର ବାରିକ, କରୁଣାକର ମହାନନ୍ଦ, ସୁନୀଲ କୁମାର ମହାପାତ୍ର, କୃଷ୍ଣା ବେହେରାଙ୍କ ସମେତେ ତାଙ୍କ କୋଚ ମହମ୍ମଦ କଲିମ ଓ ବିପ୍ର ଚରଣ ପରା ଶୁଭେଚ୍ଛା ଜଣାଇଛନ୍ତି। ସୁମନ୍ତୀ ସେରଗେଡା ଗ୍ରାମର ମାନଭଞ୍ଜନ ରାଜହଂସ ଓ କେତକୀ ରାଜହଂସଙ୍କ ଝିଅ।



# ନିମ୍ନମାନର ରାସ୍ତା କାମ, ସୂଚନା ଫଳକ ଲାଗିନି

**ଖୁଣ୍ଟିଗୋରା, ୧୧।୧୧ (ମକରନ୍ଦ ସାହୁ)**

ଗ୍ରାମାଞ୍ଚଳ ଲୋକଙ୍କ ସୁବିଧା ପାଇଁ ରାସ୍ତା ନିର୍ମାଣ ଲାଗି ସରକାର ପଞ୍ଚାୟତକୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ଏଥିପାଇଁ ସରକାରଙ୍କ ରାଜକୋଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ହେଉଛି। କିନ୍ତୁ ବିଭିନ୍ନ କାରଣରୁ ସରକାରଙ୍କ ଯୋଜନା ସଫଳ ହୋଇପାରୁନାହିଁ । କନ୍ଧମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ଅନ୍ତର୍ଗତ ମାଣିକପୁର ଗ୍ରାମର ସ୍କୁଲପଡ଼ା ଠାରୁ ନାଏକକଟା ବନ୍ଧ ପର୍ଯ୍ୟନ୍ତ ମୋରମ କାମ ହୋଇଛି । ପ୍ରତ୍ୟେକ ସରକାରୀ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସୂଚନା ଫଳକ ଲଗାଇବାର ନିୟମ ରହିଛି । କିନ୍ତୁ ଏଠାରେ ସୂଚନା ଫଳକ ଲଗାଯାଇ ନାହିଁ । ଫଳରେ କାର୍ଯ୍ୟର ପ୍ରକୃତ ସୂଚନା ମିଳି ପାରୁନାହିଁ । ନିମ୍ନମାନର ମୋରମ ପକାଯାଇଛି । ରୋଲରରେ ରାସ୍ତା ସମତୁଲ କରାଯିବାର ବ୍ୟବସ୍ଥା ରହିଛି । କିନ୍ତୁ ତାହା ହୋଇନାହିଁ । ଏଥିଯୋଗୁ ରାସ୍ତା ସାରା ଖାଲ ଢିପ ହୋଇଛି । ଫଳରେ ଉକ୍ତ ରାସ୍ତାରେ ପୋଖରୀକୁ ସ୍ନାନ ଶୌଚ ପାଇଁ ଯାଉଥିବା ବୃଦ୍ଧାବୃଦ୍ଧମାନେ ବିଭିନ୍ନ ସମୟରେ ଝୁଣ୍ଟି ପଡି ଖଣ୍ଡିଆ ଖାବରା ହେଉଥିବା ଅଭିଯୋଗ କରିଛନ୍ତି । ଏହି ରାସ୍ତାର ମରାମତି କାମ ୮ମାସ ତଳେ ହୋଇଥିଲା । ଏହାସତ୍ତ୍ୱେ ପୁନଶ୍ଚ କାମ କରାଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଉଦ୍‌ଘାଟିତ

### ବୃକ୍ଷ ଓ ଆୟୁର୍ବେଦ ଉପରେ ଆଲୋଚନାଚକ୍ର

**ବୌଦ୍ଧ, ୧୧।୧୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ତାଳସରଡା ଗ୍ରାମ ପଞ୍ଚାୟତର ସିଦ୍ଧଗୁରୁ ମହ ଡମ୍ବରୁଗାଡଠାରେ ସୋମବାର ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଉଦ୍‌ଘାଟିତ ହୋଇଛି। ମଠର ମହନ୍ତ ସର୍ବେଶ୍ୱର ଦାସ ମହାରାଜାଙ୍କ ମାର୍ଗଦର୍ଶନରେ ଏହି ଯଜ୍ଞ ଆରମ୍ଭ ହୋଇଥିବା ବେଳେ ସକାଳେ କଳସ ଶୋଭାଯାତ୍ରା ହୋଇଥିଲା। ପରେ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା । ଯଜ୍ଞ କମିଟି ସଭାପତି ଗୌରୀ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଯଜ୍ଞରେ ଶ୍ରୀ ରାଧାମାଧବ ସେବାଶ୍ରମର ମୁଖ୍ୟ ଆଚାର୍ଯ୍ୟ ବ୍ରହ୍ମଚାରୀ ଆଦିତ୍ୟ ଦାସ କାର୍ଯ୍ୟକ୍ରମ ନେଇ ସୂଚନା ଦେଇଥିଲେ । ଯଜ୍ଞର ଅନ୍ୟତମ ମାର୍ଗଦର୍ଶକ ବାବା ଲକ୍ଷ୍ମଣ ଦାସ ଯଜ୍ଞ ଉପରେ ଆଲୋକପାତ କରିଥିଲେ । ଯଜ୍ଞ କମିଟିର ସଦସ୍ୟ ବାଞ୍ଛାନିଧି ହୋତା ମଞ୍ଚ ପରିଚାଳନା କରିଥିଲେ। ଅପରାହ୍ନରେ ବୃକ୍ଷ ଓ ଆର୍ୟୁବେଦ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଅଭୟକାନ୍ତ ପାଠକ ଯୋଗଦେଇ ବୃକ୍ଷ ଓ ଆର୍ୟୁବେଦ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଡ. ସିଦ୍ଧାର୍ଥ ସୂର୍ଯ୍ୟ ନାରାୟଣ ସାହୁ ଯୋଗଦେଇ ଆର୍ୟୁବେଦ ସହ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ । ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ଡ. ପ୍ରବୀର କୁମାର ଦାସ ଯୋଗଦେଇ ପ୍ରକୃତି ବଞ୍ଚିଲେ ନିଜେ ବଞ୍ଚି ପାରିବ ବୋଲି କହିଥିଲେ। ମଠ ପରିଚାଳକ କମିଟି ସଭାପତି ପୟୋଧର ମହାକୁଡ, ବ୍ରହ୍ମଚାରୀ ଆଦିତ୍ୟ ଦାସ ଯଜ୍ଞ ଆୟୋଜନ ନେଇ ମତବ୍ୟକ୍ତ କରିଥିଲେ। କୃତ୍ତିବାସ ପଲିଆ ଅତିଥି ପରିଚୟ ଓ ଆଲୋଚନା ଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆକାଶ ଜେନା, ମୟସେନ ରଣା, ମନୋଜ ମହାକୁଡ, ଦେବବ୍ରତ ମେହେର, ଶମ୍ଭୁ ଗିରି, ଉତ୍ତମ ବେହେରା, କେ. ଘଣ୍ଟୁଆଳ, ଦୁଷ୍ମନ୍ତ ପୃଷ୍ଟି , ପ୍ରଶାନ୍ତ କୁମାର ସେଠୀ, ଶ୍ରୀପତି ମହାକୁଡ, ବିଦେଶୀ ସାହୁ, ଶଶାଙ୍କ ଶେଖର ପ୍ରଧାନ, ଦେବାଶିଷ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।



କଳସ ଶୋଭାଯାତ୍ରା।

# ଗେହ୍ଲାମା କ୍ଲବ ବିଜୟୀ



ଖେଳାଳି ଓ ଅମ୍ପାୟର।

**ବୌଦ୍ଧ, ୧୧।୧୧(ଅଜିତ କୁମାର ବାରିକ)**

ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବୌଦ୍ଧ ଜିଲା ଷ୍ଟାଡିୟମ ପଡିଆରେ ଚାଲିଥିବା ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଦିନ ଗେହ୍ଲାମା କ୍ଲବ ଓ ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଗେହ୍ଲାମା କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମ ଇନିଂସରେ ବ୍ୟାଟିଂ କରି ୪୫ ଓଭରରେ ୮ ଉଇକେଟ ବିନିମୟରେ ୩୭୦ ରନ୍ ସଂଗ୍ରହ କରିଥିଲା । ଦ୍ୱିତୀୟ ଇନିଂସରେ ଜହ୍ନାପଙ୍କ ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୮୧ ରନ୍ କରି ପାରିଥିଲା । ଅମ୍ପାୟର ଭାବେ ବିଶ୍ୱଜିତ ପ୍ରଧାନ ଓ ଆର. ଚାନ୍ଦ ଖେଳ ପରିଚାଳନା କରିଥିଲେ । ସ୍କୋରର ଦାୟିତ୍ୱ ସ୍ୱାଗତ ଦେହୁରୀ ତୁଲାଇଥିଲେ । ମଙ୍ଗଳବାର ଦିନ ପ୍ରଗତି କ୍ଲବ କନ୍ଧମାଳ ଓ ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ଭାଜପା କୃଷକ ମୋର୍ଚ୍ଚାର ବୈଠକ

### ଧାନକିଣାରେ ସ୍ୱଚ୍ଛତା ରକ୍ଷା ନେଇ ଆଲୋଚନା

**ସୋନପୁର, ୧୧।୧୧ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଭାଜପା କାର୍ଯ୍ୟାଳୟଠାରେ କୃଷକ ମୋର୍ଚ୍ଚାର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ଶିବରାଜ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଚଳିତ ଖରିଫ ଧାନ କିଣା କାରବାରରେ ସ୍ୱଚ୍ଛତା ରକ୍ଷା ନେଇ ଅଲୋଚନା ହୋଇଥଲା। କଟ୍‌ନି ଛଟନି ବନ୍ଦ ସହିତ ଧାନ ମଣ୍ଡିରେ ମିଲର୍ସଙ୍କ ହସ୍ତକ୍ଷେପ ବନ୍ଦ କରାଯିବ ବୋଲି ରାଜ୍ୟ ସଭାପତି ମହେଶର ସାହୁ କହିଥିଲେ। ଓଡ଼ିଶାର ସମସ୍ତ ଧାନ ମଣ୍ଡିକୁ କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଜଗିବା ସହିତ ଧାନ କିଣାର ତଦାରଖ କରିବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ପୁଲିନ ପ୍ରକାଶ ପୁହାଣ, ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସାଇଁ, ରାଜ୍ୟ ସଂଯୋଜକ ରାଜ କିଶୋର ମେଣ୍ଡଲି, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ନବ ଦନ୍ତା, ବରିଷ୍ଠ ଭାଜପା ନେତା ଆନନ୍ଦ ବାରିକ, ସୁରେଶ କୁମାର ମହଲା, ଗିରୀଶ ଚନ୍ଦ୍ର ପୁରୋହିତ, ନଳିନୀ ପଣ୍ଡା ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।



କୃଷକ ମୋର୍ଚ୍ଚା ବୈଠକରେ ରାଜ୍ୟ ସଭାପତି ଓ କର୍ମକର୍ତ୍ତା।

# ପାରମ୍ପରିକ କଳା, ସଂସ୍କୃତିକୁ ଉଜ୍ଜୀବିତ କରେ ମହୋତ୍ସବ

**ବିନିକ, ୧୧।୧୧(ରାମ ଗୋପାଳ ବାଘ )**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ମା' ଚରଦେଇ ଆଞ୍ଚଳିକ ଲୋକ ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମହୋତ୍ସବ କମିଟି ଅଧକ୍ଷ ତଥା ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲାଙ୍କ ଅଧକ୍ଷତା ଓ ଟ୍ରଷ୍ଟ ସଭାପତି ଅଶୋକ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ରାଜନେତା ନରସିଂହ ମିଶ୍ର, ସମ୍ମାନୀତ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ବିଧାୟକ ପଦ୍ମନାଭ ବେହେରା, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ ଯୋଗଦେଇଥିଲେ। ଲୋକ ମହୋତ୍ସବ ପାରମ୍ପରିକ କଳା, ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜିବିତ କରିବା ସହ ଏକତାର ବନ୍ଧନରେ ସମସ୍ତଙ୍କୁ ବାନ୍ଧି ରଖିଥାଏ ବୋଲି ଅତିଥିମାନେ କହିଥିଲେ।

ଏହି ଅବସରରେ ଅରକ୍ଷିତ ପାଢ଼ୀ(ସଙ୍କୀର୍ତ୍ତନ), ସତ୍ୟନାରାୟଣ ବଡପଣ୍ଡା(ସାମାଜିକ କର୍ମୀ) ଗୋପାଳ ଚନ୍ଦ୍ର ପଣ୍ଡା(ମଞ୍ଚ କଳାକାର), ବାସୁଦେବ ନାଏକ (ନୃତ୍ୟ ଗୁରୁ) ପ୍ରମୁଖଙ୍କୁ ମା' ଚରଦେଇ ସାଂସ୍କୃତିକ ସମ୍ମାନ ପ୍ରଦାନ କରାଯାଇଥିଲା। ହିମାଂଶୁ ଭୂଷଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଘୋଷକ ଭାଗିରଥୀ ମିଶ୍ର, ବାଦଲ ହୋତା, ଉଦଘୋଷିକା ସସ୍ମିତା ପରମ ଗୁରୁ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜ୍ୟୋତିଲୀନା ପଣ୍ଡା କୋଶଲି କବିତା ପାଠ କରିଥିଲେ। ଏଥିରେ ଢେମସା ନୃତ୍ୟ, ଭକ୍ତ ଦାସିଆ ଡ୍ୟାନ୍ସ ଗ୍ରୁପ ସୁନ୍ଦରଗଡ, କଳାଜୀବୀ ବରଗଡ, ରୁମକୁ ଝୁମାନା ସୋନପୁର, ଚୁଟକୁ ଚୁଟା ବୀରମହାରାଜପୁର, ଆଦି ଡାନ୍ସ ଗ୍ରୁପ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ସେହିପରି କଣ୍ଠ ଶିଳ୍ପୀ ବ୍ୟାସଦେବ ପୁରୋହିତ, ଶତ୍ରୁଘ୍ନ ଲୁହା, କୃଷ୍ଣ ମୁଖି, ଚୁମକୀ ପାଢ଼ୀ, କର୍ଣ୍ଣ ମହାନନ୍ଦ, ଟ୍ୱିଙ୍କଲ ମହାପାତ୍ର ଲୋକଗୀତ ପରିବେଷଣ କରିଥିଲେ। ବିଭିନ୍ନ ଅନୁଷ୍ଠାନ କଳାକାରମାନଙ୍କୁ କମିଟି ତରଫରୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଙ୍ଗୀତ ନିର୍ଦ୍ଦେଶକ ତଥା ସଂଯୋଜକ ଶାଶ୍ୱତ ତ୍ରିପାଠୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଲକ୍ଷ୍ମଣ ଥନାପତି, କେଦାର ପଣ୍ଡା, ଡାକ୍ତର ଥନାପତି, ଗୌରୀ ଭୋଇ, ବାବୁଲୁ ବିଶି, ଜିତେନ୍ଦ୍ରିୟ ଥନାପତି, ଆନନ୍ଦ ହୋତା, ରବି ନାରାୟଣ ଥନାପତି, ଭୀମସେନ ସିଂଦେଓ, ମିଳନ ଥନାପତି, କୁସଲେଶ୍ୱର ଥନାପତି ପ୍ରମୁଖଙ୍କ ସମେତ ମହୋତ୍ସବ କମିଟି ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଚରଦେଇ ଆଞ୍ଚଳିକ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ଚାଷଜମିରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

**କୋକସରା,୧୧।୧୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ କୋକସରା ଗ୍ରାମର ଚାଷଜମିରେ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଘନଶ୍ୟାମ ପରାଭୋଇ (୬୦)। ସୂଚନା ଅନୁସାରେ ରବିବାର ଘନଶ୍ୟାମ ଏକ ଜାଲ ନେଇ ନିଜ ଚାଷଜମିକୁ ମାଛ ଧରିବାକୁ ଯାଇଥିଲେ। ପାଣିଗାଁ ଝରିଆଗୁଡ଼ା ରାସ୍ତାରେ ଥିବା ପାଣି ନାଳ ପାର ହେଉଥିବା ବେଳେ ଅସାବଧାନତା ଯୋଗୁ ସେ ଚାଷଜମିରେ ମୁହଁମାଡ଼ି ପଡି ଆଉ ଉଠିପାରି ନ ଥିଲେ। ଫଳରେ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ ପ୍ରକାଶ କରିଛି। ଚାଷଜମିକୁ ଯାଇଥିବା ଜଣେ ଶ୍ରମିକ ଏହି ଘଟଣା ଦେଖି ଲୋକଙ୍କୁ କହିବା ପରେ ମୃତଦେହ ଘନଶ୍ୟାମଙ୍କର ବୋଲି ଜଣାପଡିଥିଲା। ପରିବାର ଲୋକଙ୍କଠାରୁ ଖବର ପାଇ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୪) ରୁଜୁ ହୋଇଛି।

### ସରସ୍ୱତୀ ଶିଶୁମନ୍ଦିରରେ ୨୫ତମ ବାର୍ଷିକ କ୍ରୀଡ଼ା

**ନୂଆପଡ଼ା,୧୧।୧୧ (ମକାରୁ ବେମାଲ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଢୁକଲା ସରସ୍ୱତୀ ଶିଶୁ ମନ୍ଦିରଠାରେ ୨୫ତମ ବାର୍ଷିକ କ୍ରୀଡ଼ା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ଯୁକ୍ତ ୩ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଗୋପାଳ ଚନ୍ଦ୍ର ଦୁବେ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବେଣୁପାଣି ବେହେରା, ଯୁଗ୍ମ ସମ୍ପାଦକ ଭଜନ ମେହେର, ପ୍ରଧାନ ଆଚାର୍ଯ୍ୟ ଅମର ସିଂହ ବାରିକ, ଖେଳ ଶିକ୍ଷକ କର୍ଣ୍ଣ ହଂସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁମାନେ ଗ୍ରାମଦେବୀ ମା' ଗଡ଼ିଆନିଙ୍କ ମନ୍ଦିରଠାରୁ ମଶାଲ ଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ପ୍ରତିଯୋଗିତାରେ ମୋଟ ୪୫୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜାମଖୁଣ୍ଟା ସରପଞ୍ଚ ଉଦ୍ଧବ ବେହେରା ମୁଖ୍ୟ ଅତିଥି, ବେଣୁପାଣି ବେହେରା, ଉମାକାନ୍ତ ପଧାନ, ଦିଲୀପ ମାଝି ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଗୁରୁଜୀ ମନମୋହନ ସିଂ ବାବୁ, ବୈବସ୍ୱତ ପଟେଲ, ରମାକାନ୍ତ ରଣା, ସଞ୍ଜୟ ସିଂ ବାବୁ ପ୍ରମୁଖ ସହଯୋଗ କରିଥିଲେ।

### ଜଳିଗଲା ଟ୍ରାକ୍ଟର ସହ ୨ ଶହ ବସ୍ତା ଧାନ

**ନୂଆପଡ଼ା,୧୧।୧୧(ମକାରୁ ବେମାଲ):** ନୂଆପଡ଼ା ଜିଲା ସଦର ବ୍ଲକ ସାଲିହା ପଞ୍ଚାୟତରେ ସୋମବାର ଧାନ ଅମଳ ବେଳେ ଟ୍ରାକ୍ଟର ସହ ୨ଶହ ବସ୍ତା ଧାନ ଜଳିଯାଇଛି। ସୂଚନା ମୁତାବକ ଅପରାହ୍ନ ଗୋଟାଏ ବେଳେ ସାଲିହା ପଞ୍ଚାୟତ ସାଲିହା ଗ୍ରାମରେ ଲରୁ ଶବରଙ୍କ ଖଳାରେ ଲରୁ ଶବର ଓ ବରନା ଶବରଙ୍କ ଧାନ ଅମଳ ପାଇଁ ଗ୍ରାମର ଭିକମ ସାହୁଙ୍କ ଟ୍ରାକ୍ଟର ଓ ଥ୍ରେସର ମେସିନ ଲାଗିଥିଲା। କିନ୍ତୁ ହଠାତ୍ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ପ୍ରଥମେ ପାଳ ଗଦାରେ ନିଆଁ ଲାଗି ଥ୍ରେସର ମେସିନକୁ ବ୍ୟାପିଥିଲା। ନିମିଷକ ମଧ୍ୟରେ ଟ୍ରାକ୍ଟର, ଥ୍ରେସର ମେସିନ ସହ ୨ ଶହରୁ ଊର୍ଦ୍ଧ୍ୱ ବସ୍ତା ଧାନ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଚାଳକ କିଛି ଦୂରରେ ଥିବାରୁ ବର୍ତ୍ତି ଯାଇଥିଲେ। ସେଠାରେ କାମ କରୁଥିବା ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଭାଜପା କୃଷକ ମୋର୍ଚ୍ଚାର ଧାନ ସଂଗ୍ରହ ଅଭିଯାନ

**ଖଡ଼ିଆଳ,୧୧।୧୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସହରର ଶ୍ରୀଜୀଉ ମଣ୍ଡପରେ ଭାଜପା କୃଷକ ମୋର୍ଚ୍ଚାର ଧାନ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଏକ ଖବରଦାତା ସମ୍ମିଳନୀ କରି ପୂର୍ବ ନବୀନ ସରକାର ଉପରେ ବର୍ଷିଥିଲେ। ବର୍ତ୍ତମାନ ମୋହନ ସରକାର ଚାଷୀଙ୍କ ବିକାଶ ଦିଗରେ କାର୍ଯ୍ୟ କରିବା ସହ ଚାଷୀଙ୍କଠାରୁ ୩୧୦୦ ଟଙ୍କାରେ ମଣ୍ଡିରୁ ଧାନ କିଣିବ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଉପସଭାପତି ପୁଲିନ ପ୍ରକାଶ କହଁର, ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ଦେବଦେବ ସିଂଦେଓ, ସଞ୍ଜୟ ତିୱାରୀ, ଯଦୁମଣି ପାଣିଗ୍ରାହୀ, ଗୋବର୍ଦ୍ଧନ ସାହୁ, ସୁଶାନ୍ତ ବିଶି, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୬୬୨ ବର୍ଗ କଲେଜ ସଂଘର ମିଳିତ ସମ୍ମିଳନୀ

**ଭବାନୀପାଟଣା, ୧୧।୧୧ (ଉତ୍ତମ କୁମାର ଦାଶ)**



ସମ୍ମିଳନୀରେ ଯୋଗଦେଇଥିବା ସଂଘର କର୍ମକର୍ତ୍ତା।

କଳାହାଣ୍ଡି ଜିଲା ଉତ୍କେଲା ଯୁକ୍ତ ୨ ମହାବିଦ୍ୟାଳୟଠାରେ ରବିବାର ନିଖିଳ ଓଡ଼ିଶା ୬୬୨ ବର୍ଗ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଓ ନୂଆପଡ଼ା ଜିଲା ଶାଖା ମିଳିତ ଉଦ୍ୟମରେ ହୋଇଥିବା ସମ୍ମିଳନୀରେ ଯୁକ୍ତ ୩ ଉତ୍କେଲା ମହାବିଦ୍ୟାଳୟ ଅଧ୍ୟକ୍ଷ ଯୁଧିଷ୍ଠିର ବୁଧିଆ ଅଧ୍ୟକ୍ଷତା କରିଥିଲେ। ଏଥିରେ କଳାହାଣ୍ଡି ୬୬୨ ବର୍ଗ କଲେଜ ସଂଘ ଜିଲା ସଭାପତି ପ୍ରତାପ ଚନ୍ଦ୍ର ଦାଶ ଓ ନୂଆପଡ଼ା ଜିଲା ସଭାପତି ରୁଦ୍ର ମାଧବ ବାରିକ ଯୋଗଦେଇଥିଲେ। ପୂର୍ବର ସରକାର ଓ ଏବେକାର ସରକାରଙ୍କ ଟାଳଟୁଳ ନୀତିକୁ ସେମାନେ ତୀବ୍ର ସମାଲୋଚନା କରିଥିଲେ।

**କଳାହାଣ୍ଡି ଓ ନୂଆପଡ଼ା ଜିଲା**
**ସମାଧାନ ନ ହେଲେ ଆନ୍ଦୋଳନ**

୬୬୨ ବର୍ଗ କଳାହାଣ୍ଡି ଓ ନୂଆପଡ଼ା ମହାବିଦ୍ୟାଳୟ ସଂଘ ଅଧ୍ୟାପକ ଓ କର୍ମଚାରୀଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପେନ୍‌ସନ ସୁବିଧା ଓ ଅବସର ବୟସସୀମା ୬୦ରୁ ୬୫ ବର୍ଷକୁ ବୃଦ୍ଧି କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ଏହି ସମ୍ମିଳନୀରେ ଜିଲା ସମ୍ପାଦକ ସମୀର କୁମାର ମହାପାତ୍ର, ଅଧ୍ୟକ୍ଷ ସୁବୋଧ ଶତପଥି, ହରପ୍ରସାଦ ସାହୁ, ରଞ୍ଜନ ପଣ୍ଡା, ପ୍ରଶାନ୍ତ ଷଡଙ୍ଗୀ, ବିଶ୍ୱଜିତ ମୁଣ୍ଡ, ସନ୍ତୋଷ ମୁଣ୍ଡ, ଗୌରହରି ମେହେର, ମନୋଜ ପ୍ରଧାନ, ପ୍ରଣବ ବେହେରା, ଦର୍ପକ ବାଗ, ଭାଗବତ ପ୍ରଦାନ, ସୃଜନ ହେରନା, ଖଗେଶ୍ୱର ନାୟକ, ଜଗଦୀଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ଏହାର ସମାଧାନ ନ କଲେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଦୁର୍ଘଟଣାରୁ ବର୍ତ୍ତିଲା ବନ୍ଦେ ଭାରତ ଏକ୍ସପ୍ରେସ୍

**ନୂଆପଡ଼ା, ୧୧।୧୧ (ମକାରୁ ବେମାଲ)**

ନୂଆପଡ଼ା ରେଳଫାଟକ ନିକଟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ରବିବାର ରାତିରେ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ସୂଚନାକ୍ରମେ ରବିବାର ରାତି ପ୍ରାୟ ୧୦ଟାରେ ବନ୍ଦେ ଭାରତ ଏକ୍ସପ୍ରେସ୍ ବିଶାଖାପାଟଣାରୁ ଦୁର୍ଗ ଅଭିମୁଖେ ଯାଉଥିଲା। ନୂଆପଡ଼ା ରେଳ ଫାଟକରୁ ପ୍ରାୟ ଶହେ ମିଟର ଦୂର ବାମ ପାର୍ଶ୍ୱରେ ଟ୍ରେନ୍ ଲାଇନ ଉପରେ ଏକ ବଡ ପଥର ରଖାଯାଇଥିବା ଜାଣିପାରି ଲୋକୋ ପାଇଲଟ ଟ୍ରେନ୍‌କୁ ଅଟକାଇ ଦେଇଥିଲେ। ଏ ନେଇ ସେ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଏଥିଯୋଗୁ ପ୍ରାୟ ଏକଘଣ୍ଟା ଧରି ଟ୍ରେନ୍ ଅଟକି ରହିଥିଲା। ରେଲୱେ କର୍ତ୍ତୃପକ୍ଷ ନୂଆପଡ଼ା ଏସ୍‌ପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ରଙ୍କୁ ଜଣାଇଥିଲେ। ଏହି ଖବର ପାଇ ରାତି ସାଢେ ୧୦ଟାରେ ଏସ୍‌ପି ରାଘବେନ୍ଦ୍ର ଏକ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ପଥରକୁ ଟ୍ରେନ୍ ଲାଇନ୍‌ରୁ ବାହାର କରିଥିଲେ। ପରେ ଲୋକୋ ପାଇଲଟ ଟ୍ରେନ୍‌କୁ ଅନ୍ୟ ଟ୍ରାକକୁ ନେଇଯିବାରୁ ଯାତ୍ରୀ ସୁରକ୍ଷିତ ରହିଥିଲେ। ତେବେ କିଏ ଓ କାହିଁକି ଟ୍ରେନ୍ ଲାଇନ ଉପରେ ପଥର ରଖିଥିଲା ତାକୁ ନେଇ ପୋଲିସ ଛାନ୍‌ଭିନ୍ କରୁଥିବା ଏସ୍‌ପି ରାଘବେନ୍ଦ୍ର କରିଛନ୍ତି ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ



କଡ଼ା ସୁରକ୍ଷା ମଧ୍ୟରେ ଭୋଟବାକ୍ସ ନିଆଯାଉଛି।

**କେସିଙ୍ଗା,୧୧।୧୧(ଡୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ର ଉତ୍କେଲା ସରପଞ୍ଚ ନରେନ୍ଦ୍ର ମାଝିଙ୍କ ବିରୋଧରେ ସୋମବାର ଅନାସ୍ଥା ଭୋଟ ଅନୁଷ୍ଠିତ ହୋଇଯାଇଛି। ୧୩ୱାର୍ଡ ବିଶିଷ୍ଟ ପଞ୍ଚାୟତର ୧୨ ୱାର୍ଡ ସଭ୍ୟାସଭ୍ୟ ଅନାସ୍ଥାରେ ଭାଗନେଇଥିଲେ। ଆଲୋଚନାରେ ଅନାସ୍ଥା ପାରିତହେବା ସହ ଗୁପ୍ତ ମତଦାନ ହୋଇଛି। ହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶମତେ ଫଳାଫଳ ଘୋଷଣା କରା ନ ଯାଇ ସ୍ଥଗିତ ରଖାଯାଇଛି। କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ଗତ ୪ ତାରିଖରେ ଏହି ବ୍ଲକ୍‌ର କସ୍ତୁପଡ଼ା ପଞ୍ଚାୟତରେ ହୋଇଥିବା ଅନାସ୍ଥା ଭୋଟରେ ସରପଞ୍ଚ ନିଜ ପଦ ହରାଇଛନ୍ତି। ସୋମବାର ପୂର୍ବାହ୍ନରେ ଉତ୍କେଲା

**ହାଇକୋର୍ଟଙ୍କ ନିର୍ଦ୍ଦେଶରେ**
**ଘୋଷଣା ହେଲାନି ଫଳାଫଳ**

ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଅନାସ୍ଥା ପ୍ରସ୍ତାବ ପାରିତ ହେବା ସହ ଗୁପ୍ତ ମତଦାନ ଅନୁଷ୍ଠିତ ହୋଇଥିଲା। କଡ଼ା ସୁରକ୍ଷା ବଳୟ ମଧ୍ୟରେ ୧୨ ୱାର୍ଡ ସଭ୍ୟାସଭ୍ୟ ହଲ୍ ଭିତରକୁ ଯାଇ ମତଦାନ କରିଥିଲେ। ହେଲେ ଉଚ୍ଚ ନ୍ୟାୟାଳୟ ଫଳାଫଳ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିବାରୁ ଘୋଷଣା କରାଯାଇ ନ ଥିଲା। ନିର୍ବାଚନ ଅଧିକାରୀ ତହସିଲଦାର ପ୍ରଶାନ୍ତି ପ୍ରଧାନଙ୍କୁ ପଚାରିବାରୁ କଡ଼ା ସୁରକ୍ଷା ମଧ୍ୟରେ ଭବାନୀପାଟଣାସ୍ଥିତ ଟ୍ରେଜେରିକୁ ଭୋଟବାକ୍ସ ନିଆଯିବ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଫଳାଫଳ ସ୍ଥଗିତ ରଖାଯାଇଛି ବୋଲି ସେ ପ୍ରକାଶ କରିଥିଲେ।

# ବେଦାନ୍ତ ଲାଞ୍ଜିଗଡ଼ ପକ୍ଷରୁ କର୍କଟ ସ୍କ୍ରିନିଂ ଶିବିର

**ଲାଞ୍ଜିଗଡ଼,୧୧।୧୧(ରମେଶ ଚନ୍ଦ୍ର ନାୟକ)**



ଶିବିରରେ କର୍କଟ ରୋଗର ସ୍କ୍ରିନିଂ କରାଯାଉଛି।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ ଲିମିଟେଡ କର୍କଟ ଚିକିତ୍ସା କେନ୍ଦ୍ର ବାଲ୍‌କୋ ମେଡିକାଲ ସେଣ୍ଟର ସହଯୋଗରେ ଏକ ମାଗଣା କର୍କଟ ସ୍କ୍ରିନିଂ ଶିବିର ଆୟୋଜନ କରିଥିଲା। ସ୍କ୍ରିନିଂରୁ କର୍ମଚାରୀ, ନିକଟ ସମ୍ପର୍କୀୟ, ବ୍ୟବସାୟିକ ଭାଗିଦାରୀ ଉପକୃତ ହୋଇଥିଲେ। ଏହି ପରିପେକ୍ଷୀରେ ବେଦାନ୍ତ ତରଫରୁ ଲାଞ୍ଜିଗଡଠାରୁ ଆମ୍ବାଦୋଳା ପର୍ଯ୍ୟନ୍ତ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନକୁ ବେଦାନ୍ତ ଲିମିଟେଡ଼ର ସିଇଓ (ଆଲୁମିନିୟମ ବିଜିନେସ) ପ୍ରଣବ କୁମାର ଭଟାଚାର୍ଯ୍ୟ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦ ଗୋଟି ଗାଁର ୩ ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରି ଏକ ସପ୍ତାହବ୍ୟାପୀ କର୍କଟ ସଚେତନତା ଅଭିଯାନ କରାଯାଇଥିଲା। ଏହି ଅଭିଯାନ

**କ୍ୟାନ୍‌ସର ପ୍ରତିକାର**
**ଉପରେ ସଚେତନତା**

କର୍କଟ ରୋଗର ପ୍ରାରମ୍ଭିକ ଲକ୍ଷଣ, ବିପଦ କାରଣ ଓ ନିୟମିତ ସ୍କ୍ରିନିଂର ଗୁରୁତ୍ୱ ଉପରେ ସଚେତନତା ଉପରେ ଧ୍ୟାନ ଦେଇଥିଲା। କର୍କଟ ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନେ ଚିକିତ୍ସା ବିକଳ୍ପ ଉପରେ ପରାମର୍ଶ ଗ୍ରହଣ କରିଥିଲେ। ଏହି ଅଭିଯାନରୁ ମୋଟ ୫୮୦ ହିତାଧିକାରୀ ଉପକୃତ ହୋଇଥିଲେ। ବେଦାନ୍ତ ଲାଞ୍ଜିଗଡ଼ ଅତିରିକ୍ତ ସ୍ୱାସ୍ଥ୍ୟ ଯତ୍ନ ସହାୟତାରେ ସ୍ଥାନୀୟ ଗୋଷ୍ଠୀଙ୍କୁ ସହାୟତା କରିଆସୁଛି ବେଦାନ୍ତ ହସ୍ପିଟାଲ। ପ୍ରତିବର୍ଷ ଏଠାରୁ ପ୍ରାୟ ୬୦ ହଜାରରୁ ଅଧିକ ଲୋକ ଚିକିତ୍ସା ସେବା ପାଇଥାନ୍ତି ।

# ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଧାରଣାରୁ ଉଠିଲେ ଗ୍ରାମବାସୀ

**ନୂଆପଡ଼ା,୧୧।୧୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ଼ ପଞ୍ଚାୟତ ଧରମପୁର ଗାଁର ବଞ୍ଜାରୀ ଖେଳ ପଡ଼ିଆକୁ ପ୍ରଶାସନ ଅନ୍ୟକୁ ଟେକିଦେବାକୁ ବିରୋଧ କରି ଗ୍ରାମବାସୀ ଗତ ୨୮ରୁ ଧାରଣାରେ ବସିଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଧାରଣା ପ୍ରତ୍ୟାହୃତ ହୋଇଛି। ସୂଚନାନୁଯାୟୀ ଧରମପୁର ଗାଁ ବଞ୍ଜାରୀ ମନ୍ଦିର ପ୍ରାଙ୍ଗଣରେ ୩୫୩ନଂ. ଜାତୀୟ ରାଜପଥ କଡରେ ଖେଳପଡିଆ କରି ଦୀର୍ଘବର୍ଷରୁ ଗାଁ ଓ ସ୍କୁଲ ପିଲା ଖେଳକୁଦ କରିଆସୁଥିଲେ। ଗାଁର ସଂରକ୍ଷିତ ଗୋଚର ଜମି ଖାତା ନଂ.୨୫୩, ପ୍ଲଟ ନଂ.୬୫୨ରେ ମୋଟ ୧୪ ଏକର ୮୩ ଡେସିମିଲ ଜମି ରହିଛି। ସେଥିରୁ କିଛିଅଂଶ ଖେଳପଡିଆ ଓ ଅବଶିଷ୍ଟ ଜମିରେ ଗ୍ରାମବାସୀ ଗଛ ଲଗାଇ ଗୋରୁ, ଛେଳି, ମେଣ୍ଢା ଚରାଉଥିଲେ। ଗ୍ରାମସଭା ନ କରି ଜମିକୁ ପ୍ରଶାସନ ଅନ୍ୟକୁ ଟେକି ଦେଇଛନ୍ତି। ଏ ବିଷୟରେ ଗ୍ରାମବାସୀ ଜିଲାପାଳ, ଉପଜିଲାପାଳ ନୂଆପଡ଼ା, ତହସିଲଦାର କୋମନାଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗତ ୨୮ରୁ ଉକ୍ତ ପଡ଼ିଆରେ ଧାରଣାରେ ବସିଥିଲେ। ଜିଲା ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶେଷରେ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମବାସୀ ଧାରଣାରେ ଓହରି ଯାଇଛନ୍ତି।

# ଯୁବ ରେଡ୍‌କ୍ରସ୍‌ର ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ଭବାନୀପାଟଣା,୧୧।୧୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟଠାରେ ରବିବାର ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲାପାଳ ବୈତୁରା ଦୀପ ମୁଖ୍ୟ ଅତିଥି, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ

**ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍**
**ଶିବିର ଉଦ୍‌ଘାଟିତ**

ଶିବିରାର୍ଥୀମାନଙ୍କୁ ଯୁବ ରେଡ୍‌କ୍ରସ୍ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ଯୁବ ରେଡ୍‌କ୍ରସ୍ ଆବାହକ ସମ୍ପାଦକ ସଞ୍ଜୀବ କୁମାର ସାହୁ ଶିବିରର ନିୟମାବଳୀ ଓ ଜିଲା ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ଶିବିରର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ଡ. ରଜନୀକାନ୍ତ ଜେନା ସ୍ୱାଗତ ଅଭିଭାଷଣ ଓ ଶଙ୍କର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଭବାନୀପାଟଣା ଉପଖଣ୍ଡର ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ପରାମର୍ଶଦାତା ଓ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ଏଥିରେ ରେଡ୍‌କ୍ରସ୍‌ର ଇତିହାସ, ବିକାଶ, ଚିହ୍ନ ମୌଳିକ ନୀତି, ରକ୍ତଦାନର ଆବଶ୍ୟକତା, ପ୍ରାଥମିକ ଚିକିତ୍ସା, ସାମାଜିକ ପରିବର୍ତ୍ତନରେ ସ୍ୱେଚ୍ଛାସେବୀଙ୍କ ଭୂମିକା, ମହିଳା ସଶକ୍ତୀକରଣ, ସଡ଼କ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ଅଗ୍ନି ନିରାପତ୍ତା, ସାଇବର ନିରାପତ୍ତା ବିଷୟରେ ପ୍ରଶିକ୍ଷଣ ଦିଆଯିବ।

# ୫ମାସ ନ ପୂରୁଣୁ ରାସ୍ତା ଫାଟି ଆଁ

**ଗୋଲାମୁଣ୍ଡା, ୧୧।୧୧ (ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିବା ରାସ୍ତା ୫ମାସ ନ ପୂରୁଣୁ ଫାଟି ଆଁ କଲାଣି। ସୂଚନାଫଳକ ତଥ୍ୟ ଅନୁଯାୟୀ ମହାଲିଙ୍ଗ-ଦାଜୋର ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇ ମୋଟ ୬.୨୩୦କି.ମି. ରାସ୍ତା ପାଇଁ ୪୧୧.୬୩ ଟଙ୍କା ଅନୁମୋଦନ ହୋଇଥିଲା। ୧୩।୧୨।୨୦୨୩ରେ ନିର୍ମାଣ କାର୍ଯ୍ୟ ଆରମ୍ଭହୋଇ ୧୨।୬।୨୦୨୪ରେ ଶେଷ ହୋଇସାରିଛି। କାର୍ଯ୍ୟ ଆରମ୍ଭରୁ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଲୋକେ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଠିକାଦାର ଜଣକ ନିଜ ଇଚ୍ଛାରେ କାମ ଆଗେଇ ନେଇଥିଲା। ଫଳରେ ଅଳ୍ପଦିନ ମଧ୍ୟରେ କେଉଁ ରାସ୍ତା ଫାଟିଲାଣି ତ ଆଉ କେଉଁଠି ପିଚୁ ଉଠିଯାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ନେଇ

**ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା**


ରାସ୍ତାରେ ଫାଟ ସୃଷ୍ଟି ହୋଇଛି।

ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଆଶିଷ ସେଠୀଙ୍କୁ ପଚାରିବାରୁ କାମ ଚାଲୁଛି ଓ କାର୍ଯ୍ୟ କରୁଥିବା ଠିକା ସଂସ୍ଥାକୁ ଚିଠି ମାଧ୍ୟମରେ ଜଣାଇବେ ବୋଲି କହିଥିଲେ।

# ୪୩ ଅଭିଯୋଗରେ ସୀମିତ ରହିଲା ଅଭିଯୋଗ ଶୁଣାଣି

**ଥୁଆମୂଳ ରାମପୁର,୧୧।୧୧ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ସୋମବାର ଅନୁଷ୍ଠିତ ଅଭିଯୋଗ ଶୁଣାଣି ମାତ୍ର ୪୩ ଅଭିଯୋଗରେ ସୀମିତ ରହିଛି। ଶିବିରରେ ଜିଲାପାଳ ପାୱାର ସଚିନ ପ୍ରକାଶ, ସଦର ଏସ୍‌ଡିପିଓ ସୁନାରାମ ହେମ୍ବ୍ରମଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ୪୩ ଅଭିଯୋଗ ମଧ୍ୟରୁ ୧୩ଟି ସାମୂହିକ ଓ ୧୩ଟି ବ୍ୟକ୍ତିଗତ ରହିଥିଲା। ସେହିଭଳି ଥୁଆମୂଳ ରାମପୁର




ଓ କଲମପୁର ବ୍ଲକର ସେତୁ କୁହାଯାଉଥିବା ସିଙ୍ଗାରିଘାଟି ରାସ୍ତାର ଦୟନୀୟ ସ୍ଥିତି ନେଇ ମଧ୍ୟ ଜନସାଧାରଣ ଅଭିଯୋଗ କରିଥିଲେ। ବ୍ଲକର ବହୁ ପୁରାତନ ଦୁଇ ପୋଖରୀର ପଙ୍କ ଉଦ୍ଧାର ନେଇ ଅନେକ ମହିଳା ଅଭିଯୋଗ କରିଥିଲେ। ସହରରେ ଷ୍ଟ୍ରିଟ ଲାଇଟ ଲଗାଇବା ଓ ପୂର୍ବ ଲାଗିଥିବା ସୋଲାର ଷ୍ଟ୍ରିଟ ଲାଇଟ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରିବାକୁ ଲୋକେ ଦରଖାସ୍ତ ଦେଇଥିଲେ। ଏ ସମ୍ପର୍କରେ ଜିଲାପାଳ ପ୍ରକାଶଙ୍କ ପ୍ରତିକ୍ରିୟା ନେବାରୁ ବହୁଶୀଘ୍ର ସିଙ୍ଗାରି ରାସ୍ତା ପାଇଁ ଟେଣ୍ଡର ହୋଇ କାମ ହେବ ବୋଲି ସୂଚନା ଦେବା ସହ ତାଙ୍କ ପାଖକୁ ଯାହା ଅଭିଯୋଗ ଯାଇଛି ତା'ର ଯଥାସମ୍ଭବ ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।

# ବାନେରରେ ଭାଜପାର ସାଙ୍ଗଠନିକ କର୍ମଶାଳା

**ଜୟପାଟଣା,୧୧।୧୧(ଓମ୍ ପ୍ରକାଶ ବୈଠାରୁ)**

କଳାହାଣ୍ଡି ଜିଲା ଜୟପାଟଣା ବାନେର ଗ୍ରାମଠାରେ ଭାଜପାର ମଣ୍ଡଳ ସାଙ୍ଗଠନିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା, ବୁଥ୍ କମିଟି ଓ ଶକ୍ତିକେନ୍ଦ୍ର କମିଟି ଗଠନ ଆଦି ବିଷୟରେ ଆଲୋଚନା ହୋଇଥିଲା। କର୍ମଶାଳାରେ ମଣ୍ଡଳ ନିର୍ବାଚନ ଅଧିକାରୀ ଭାବେ ଜିଲା ଯୁବ ମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ବିଜୟ ଦିଶାରି, ଜିଲା ସମ୍ପାଦିକା ମମତା ପଣ୍ଡା, ଜିଲା ପରିଷଦ ସଭ୍ୟ ଅଙ୍ଗଦ ମାଝି, ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ମନୋଜ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଅବିନାଶ ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ କୃଷକ ମୋର୍ଚ୍ଚା ଜିଲା ଉପସଭାପତି ନିରଞ୍ଜନ ଛତ୍ରିଆ ଧନ୍ୟବାଦ ଦେଇଥିଲେ।


କର୍ମଶାଳାରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

# ଧାନ ଫସଲରେ ରୋଗପୋକ, ଚିନ୍ତାରେ ଚାଷୀ

**ରିଷିଡ଼ା,୧୧।୧୧ (ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ୯୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। ଚଳିତ ବର୍ଷ ବ୍ଲକ୍‌ର ୧୨ ପଞ୍ଚାୟତରେ ଖରିଫ ଧାନ ଚାଷ ପାଖାପାଖି ୭ ହଜାର ୧୮୫ ହେକ୍ଟର ଜମିରେ ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଛୋଟ କିସମର ଧାନ ଅମଳକ୍ଷମ ଅବସ୍ଥାରେ ରହିଥିବା ବେଳେ ବଡ଼ କିସମର ଧାନ କ୍ଷୀର ଭରିବା ଓ ଧାନ ପାଚିବା ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଏହି ସମୟରେ ଧାନଫସଲରେ ବିପିଏଚ୍ ରୋଗ ପୋକର ପ୍ରାଦୁର୍ଭାବ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। କୃଷି ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ପରାମର୍ଶ ପରେ କୀଟନାଶକ ପ୍ରୟୋଗକଲେ ମଧ୍ୟ ସୁଫଳ ମିଳୁ ନ


ବିପିଏଚ୍ ରୋଗ ପୋକ ଲାଗିଥିବା ଧାନ ଫସଲ।

ଥିବା ନେଇ ବ୍ଲକର ରିଷିଡ଼ା, ଗଜବାହଲ ପୌରକେଲା, ତେରେସିହା, ରାଜପୁର, ରିଞ୍ଜା, ରେଗେଡ଼ା, ବୋରପଦର, ଯୋରାଡବ୍ରାରା, ସାପଲହରା ଅଞ୍ଚଳର ବହୁ ଚାଷୀ ଅଭିଯୋଗ କରିଛନ୍ତି। ବିପିଏଚ୍ ରୋଗପୋକ କିଛି ସମୟ ମଧ୍ୟରେ ଧାନ ବିଲକୁ ଚରିଯାଉଥିବା ବେଳେ ଧାନକୁ ଅଗାଡ଼ି କରିଦେଉଛି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, କୃଷି ସମବାୟ ସଂସ୍ଥା, ଫାଇନାନ୍ସ କମ୍ପାନୀ, ମହାଜନୀ ଋଣ ନେଇ ଚାଷ କାର୍ଯ୍ୟରେ ବିନିଯୋଗ କରିଥିବା ବେଳେ ରୋଗପୋକ ସେମାନଙ୍କ ପାଇଁ କାଳ ସାଜିଛି। ଏ ନେଇ କର୍ଲାମୁଣ୍ଡା ବ୍ଲକ୍ କୃଷି ଅଧିକାରୀ ଜିତେନ୍ଦ୍ର ସିଂଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ୪୪ ହେକ୍ଟରରେ ବିପିଏଚ୍ ରୋଗର ପ୍ରାଦୁର୍ଭାବ ଦେଖାଦେଇଛି। ସେ ମଧ୍ୟରୁ ପାଖାପାଖି ୩୪ ହେକ୍ଟର ନିୟନ୍ତ୍ରଣ ହୋଇସାରିଛି ଓ ୧୬ ହେକ୍ଟରରେ କିଛି ମାତ୍ରାରେ ବିପିଏଚ୍‌ର ପ୍ରଭାବ ରହିଛି। ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ସେ କହିଛନ୍ତି।

## ହତ୍ୟା ଅଭିଯୁକ୍ତ ଗିରଫ

ରାଉରକେଲା,୧୧।୧୧(ସଙ୍ଗୀତା ଜେନା): ସମ୍ବଲପୁରରେ ଏକ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ବିନୋଦ ବେହେରା(୪୪)ଙ୍କୁ ରାଉରକେଲା ଷ୍ଟେଶନରୁ ଗିରଫ କରାଯାଇଛି । ସେ ଟ୍ରେନ୍‌ରେ ଲୁଚି ଫେରାର ହେଉଥିବା ରେଲୱେ ପୋଲିସକୁ ପ୍ଲାଣ୍ଟସାଇଟ୍ ଥାନା ପକ୍ଷରୁ ସୂଚନା ମିଳିବା ପରେ ଯାଞ୍ଚ କରାଯାଇଥିଲା ।

**ସଂକ୍ଷେପରେ**

## କ୍ୟାରିୟର କାଉନସେଲିଂ କର୍ମଶାଳା

ରାଉରକେଲା,୧୧।୧୧(ଦିନେଶ ମିଶ୍ର)

ସେକ୍ଟର-୧୪ ସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ ଅଡିଟୋରିୟମ୍ କକ୍ଷରେ କ୍ୟାରିୟର କାଉନସେଲିଂ କର୍ମଶାଳା ପ୍ରିନ୍ସିପାଲ ଡକ୍ଟର ଜୟା ଚୌହାନଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୯୭୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ସେଜ୍, ମହିନ୍ଦ୍ରା, ୟୁପିଏସ୍ ୟୁନିଭର୍ସିଟି ଭଳି ପ୍ରାୟ ୨୫ଟି ୟୁନିଭର୍ସିଟିର ଏକ୍ସପର୍ଟମାନେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଦକ୍ଷତାପୂର୍ଣ୍ଣ ଶିକ୍ଷାର କିପରି ଲାଭ ନେଇପାରିବେ ସେ ନେଇ ଅବଗତ କରିଥିଲେ। ସଂଯୋଜିକା ଦେବସ୍ମିତା ମହାନ୍ତି, ମୌସୁମୀ ମହାନ୍ତି, ପ୍ରଧାନଶିକ୍ଷକ ସୌମେନ୍ଦ୍ର ନାୟକ, ତନବୀର ରାୟିଜାଦା ପ୍ରମୁଖ ସହଯୋଗ କରିଥିଲେ।

# ଜୁଏଲେରୀ ମାଲିକଙ୍କ ସମେତ ୪ ଗିରଫ

ରାଉରକେଲା,୧୧।୧୧(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୧୫ ଥାନା ଅଞ୍ଚଳରେ ଥିବା ବନ୍ଦ ଆର୍‌ଏସ୍‌ପି କ୍ୱାର୍ଟର୍ସରୁ ତାଲା ଭାଙ୍ଗି ଡକାୟତି ମାମଲାର ପର୍ଦ୍ଦାଫାଶ ହୋଇଛି। ଏହି ମାମଲାରେ ସଂଶ୍ଲିଷ୍ଟ ୩ ଜଣ ଅଭିଯୁକ୍ତ ଓ ସେମାନଙ୍କଠାରୁ ଚୋରି ସୁନା କିଣିଥିବା ଅଭିଯୋଗରେ ପୋଲିସ ସୋମବାର ମୋଟ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୧୫ର ନାରାୟଣ ସାହୁ(୨୩), ମାଲଗୋଦାମ ଅଞ୍ଚଳର ରବି ସୁନା(୨୪), ଉଦିତନଗରର ସାଗର ମହତୋ(୨୨) ଓ ମଧୁସୂଦନପାଲୀର ଖୁସବୁ ଜୁଏଲର୍ସର ମାଲିକ ଶଙ୍କର ପ୍ରସାଦ(୩୫)। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୪ ଗ୍ରାମର ତରଳା ସୁନା, ରୁପା ବାଲା ଓ ରୁପା କଏନ୍ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୭୪/୨୪) ରୁଜୁ କରିଛି। ଏ ସମ୍ପର୍କରେ ସୋମବାର ଅପରାହ୍ନରେ ସେକ୍ଟର ୧୫ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜୋନ୍-୧ ଡିଏସ୍‌ପି ପୁଷ୍ପାଞ୍ଜଳୀ ନିନ୍‌ଗୀ ସୂଚନା ପ୍ରଦାନ କରିଛନ୍ତି। ଡିଏସ୍‌ପି ନିନ୍‌ଗୀ କହିଥିଲେ, ଗତ ୪ ତାରିଖରେ ସେକ୍ଟର-୧୫ ଥାନା ଏ ବ୍ଲକରେ ରହୁଥିବା କୁମାର ପିୟୁଷ ତାଙ୍କ ଘରେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଥିବା ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ତଦନ୍ତ ସମୟରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ମାଷ୍ଟର ମାଇଣ୍ଡ ନାରାୟଣ ଏ ସମସ୍ତ ଚୋରିକୁ ସ୍ୱୀକାର କରିଥିଲେ। ସେମାନେ ଏପରି ବନ୍ଦ ଘର ଗୁଡ଼ିକୁ ଟାର୍ଗେଟ କରି ଚୋରି କରନ୍ତି। ଚୋରି ସୁନାଗହଣା ଖୁସ୍‌ବୁ ଜୁଏଲର୍ସରେ ବିକ୍ରି କରିଥିଲେ ବୋଲି ପୋଲିସ କହିଛି। ଅଭିଯୁକ୍ତମାନେ ଏକାଧିକ ଅପରାଧରେ ସଂଶ୍ଲିଷ୍ଟ ରହିଛନ୍ତି। ଉକ୍ତ ଜବତ ସାମଗ୍ରୀକୁ ଏତଲାକାରୀଙ୍କୁ ଫେରସ୍ତ କରାଯାଇଛି। ଅଧିକାଂଶ ଚୋରି ସାମଗ୍ରୀ ସମ୍ପର୍କରେ ତଦନ୍ତ କରାଯାଉଛି ବୋଲି ନିନ୍‌ଗୀ କହିଥିଲେ। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ଶ୍ରୀକାନ୍ତ ଖମାରୀ, ସୁନୀଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଇସ୍ପାତ ଅଞ୍ଚଳରେ ଥିବା କ୍ୱାର୍ଟର୍ସ ଗୁଡ଼ିକୁ ରେକି କରିବା ପରେ ଚୋରି କରାଯାଉଥିବା ଅନେକ ମାମଲା ଲୋକଲୋଚନକୁ ଆସୁଛି। ସହରରେ ଚୋରି, ଡକାୟତି କରିବା ପରେ ଅଭିଯୁକ୍ତମାନେ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ, ଛତିଶଗଡ଼କୁ ପଳାଇ ଯାଉଥିବା ଚର୍ଚ୍ଚା ହେଉଛି। କିଛି ଦିନ ତଳେ ରାଉରକେଲା ପୋଲିସ ଜିଲାର ଏକ ସ୍ୱତନ୍ତ୍ର ଟିମ୍ ଝାଡ଼ଖଣ୍ଡର କିଛି ସୁନାଦୋକାନରୁ ଚୋରି ସୁନା ଜବତ କରିଥିଲା। ଏହି ଅଭିଯୋଗରେ ଏକ ରାକେଟକୁ ଧରିବାରେ ସଫଳ ହୋଇଥିଲା।


ଖବରଦାତା ସମ୍ମିଳନୀରେ ଡିଏସ୍‌ପି ସୂଚନା ଦେଉଛନ୍ତି।

**ଆର୍‌ଏସ୍‌ପି କ୍ୱାର୍ଟର୍ସରୁ ଚୋରି ଘଟଣାର ପର୍ଦ୍ଦାଫାଶ**

# ଧର୍ମପୀଠରେ ଅଁଳା ନବମୀ, ରାଧାପାଦ ଦର୍ଶନ କାର୍ଯ୍ୟକ୍ରମ

ରାଉରକେଲା,୧୧।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଶିଳ୍ପାଞ୍ଚଳ ଓ ସହରାଞ୍ଚଳର ବିଭିନ୍ନ ଧର୍ମପୀଠରେ ସୋମବାର ଅଁଳା ନବମୀ, ଶ୍ରୀରାଧା ପାଦ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଅହିରାବନ୍ଧ ଜଗନ୍ନାଥ ମନ୍ଦିର, ହନୁମାନ ବାଟିକା, ଜଗଦ୍‌ଗୁରୁ କୃପାଳଜୀ ମନ୍ଦିର ଆଶ୍ରମ, ସେକ୍ଟର-୨ ଏନ୍‌ଏସି ମାର୍କେଟ ଏବଂ ସେକ୍ଟର-୧୫ ଏ ବ୍ଲକସ୍ଥିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ସହ ବିଭିନ୍ନ ଧର୍ମପୀଠ ଏବଂ ଆଶ୍ରମରେ ଏ ନେଇ ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସେକ୍ଟର-୪ ଜଗଦ୍‌ଗୁରୁ କୃପାଳଜୀ ଆଶ୍ରମରେ ଅଖଣ୍ଡ ନାମକୀର୍ତ୍ତନ ସୋମବାର ଉଦ୍‌ଯାପିତ ହୋଇଥିଲା। ଏଥିପାଇଁ ସହରର ପ୍ରତ୍ୟେକ ଧର୍ମସ୍ଥଳୀରେ ଭକ୍ତ ସମାଗମ ହୋଇଥିଲା। ସହରର ସମସ୍ତ ମନ୍ଦିର ପୂଜା କମିଟି ପକ୍ଷରୁ ବିଶ୍ୱଶାନ୍ତି ଯଜ୍ଞ, ନାମ କୀର୍ତ୍ତନ, ଭାଗବତ ପାରାୟଣ ଓ ତୁଳସୀ ବିବାହ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ୭୦ରୁ ୫୮କୁ ଖସିଲା ପିଆଜ ଦର

ରାଉରକେଲା,୧୦।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଦର ଅନିୟନ୍ତ୍ରିତ ଶୀର୍ଷକ ଖବର ସୋମବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରିଥିଲା। ଫଳରେ ରାଉରକେଲା ଯୋଗାଣ ବିଭାଗ ପକ୍ଷରୁ ଦରଦାମ ବୃଦ୍ଧି ପରେ ବିହିତ ପଦକ୍ଷେପ ନିଆଯାଇଛି। ବିଶେଷ କରି ରାଉରକେଲାରେ ପିଆଜ ଦର କିଲୋ ପ୍ରତି ୭୦ଟଙ୍କାରେ ବିକ୍ରି ହେଉଥିଲା। ଖବର ପ୍ରକାଶ ପରେ ସୋମବାର ରାଉରକେଲା ବଜାରକୁ ଯୋଗାଣ ବିଭାଗର ତତ୍ତ୍ୱାବଧାନରେ ୭୮୦କ୍ୱିଣ୍ଟାଲ ପିଆଜ ଆସିଛି। ସେହିପରି ୧୫ଶହ କ୍ୱିଣ୍ଟାଲ ଆଳୁ ମଧ୍ୟ ଆସିଛି। ଅନ୍ୟପଟେ ରାଉରକେଲା ଯୋଗାଣ ବିଭାଗ ପକ୍ଷରୁ ଆଜି ବଜାର ଗୁଡିକ ପରିଦର୍ଶନ କରାଯିବା ସହ ପିଆଜ କିଲୋ ପ୍ରତି ୫୮ଟଙ୍କାରେ ସାଧାରଣ ଖାଉଟିମାନଙ୍କୁ ବିକ୍ରି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ଦୋକାନରେ ରେଟ ଚାର୍ଟ ଲଗାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଜାରି କରାଯାଇଛି। ଏ ନେଇ ରାଉରକେଲା ଅତିରିକ୍ତ ଯୋଗାଣ ଅଧିକାରୀ ସଞ୍ଜୟ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ସୋମବାର ସହରର ପରିବା ବଜାର ମାନଙ୍କରେ ଚଢ଼ା ଦରରେ ପିଆଜ ବିକ୍ରିକୁ ନିୟନ୍ତ୍ରଣ କରିବା ପାଇଁ ୭୮୦ କ୍ୱିଣ୍ଟାଲ ପିଆଜ ଓ ୧୫ଶହ କ୍ୱିଣ୍ଟାଲ ଆଳୁ ଉପଲବ୍ଧ କରାଯାଇଛି। ହୋଲସେଲ ବଜାରରେ ପିଆଜ କ୍ୱିଣ୍ଟାଲ ପିଛା ୫ ହଜାରରୁ ୫ହଜାର ୪ଶହ ଟଙ୍କା ମଧ୍ୟରେ ବିକ୍ରି କରିବା ଏବଂ ଖୁଚୁରାରେ କିଲୋ ପ୍ରତି ୫୮ଟଙ୍କାରେ ବିକ୍ରି କରିବାକୁ କୁହାଯାଇଛି। ଅନ୍ୟପଟେ ଆଳୁ କ୍ୱିଣ୍ଟାଲ ପିଛା ହୋଲସେଲ ଦରରେ ୨୭ଶହରୁ ୩ହଜାର ଟଙ୍କା ମଧ୍ୟରେ ବିକ୍ରି କରିବା ଏବଂ ଖୁଚୁରାରେ କିଲୋ ପ୍ରତି ୩୬ଟଙ୍କାରେ ବିକ୍ରି କରିବା ପାଇଁ ଧାର୍ଯ୍ୟ କରାଯାଇଛି। ଆଳୁ ଦର ଅପରିବର୍ତ୍ତିତ ରହିଥିବା ବେଳେ ପିଆଜ ଦର କିଲୋ ପ୍ରତି ୧୨ଟଙ୍କା ହ୍ରାସ ପାଇଛି ବୋଲି ସାହୁ କହିଥିଲେ।


ଟ୍ରାଫିକ୍ ଗେଟରେ ଜଣେ ଦୋକାନୀ ରେଟ୍ ଚାର୍ଟ ଲଗାଇଛନ୍ତି।

# ବିପୁଳ ବିଜୟ ଆଶା ବାନ୍ଧିଛନ୍ତି ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ

**ଆର୍‌ଏସ୍‌ପି ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ**


ପ୍ରଶାନ୍ତ ବେହେରା


ହିମାଂଶୁ ବଳ

ରାଉରକେଲା,୧୧।୧୧(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ଆସନ୍ତା ମଙ୍ଗଳବାର ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ ହେବାକୁ ଯାଉଛି। ଭୋଟିଂକୁ ଆଉ କିଛି ସମୟ ବାକି ରହିଥିବା ବେଳେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯାଇଛି। ଚଳିତ ନିର୍ବାଚନରେ ମୋଟ ୧୨ଟି ଶ୍ରମିକ ସଙ୍ଗଠନ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ମୁଖ୍ୟତଃ ବିଏମ୍‌ଏସ୍ ସହବନ୍ଧିତ ଆର୍‌ଆଇକେକେଏସ୍ ଓ ଆଇଏନ୍‌ଟିୟୁସି ସହବନ୍ଧିତ ଆର୍‌ଏସ୍‌ଏସ୍ ଓ ଏହାର ମେଣ୍ଟ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛନ୍ତି। ଏହି ନିର୍ବାଚନର ପ୍ରଚାର ଶୈଳୀକୁ ଦେଖିଲେ ଏହା ସାଧାରଣ ନିର୍ବାଚନକୁ ବଳିଯାଇଥିବା ଆଲୋଚନା ହେଉଛି। ୯୪୪୧ ଭୋଟରଙ୍କୁ ନିଜ ସପକ୍ଷରେ ଆଣିବାକୁ ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଉଦ୍ୟମ ଜାରି ରହିଛି। ଉଭୟ ନିଜର ନିର୍ବାଚନୀ ଇସ୍ତାହାରକୁ ନେଇ ବିଜୟ ଆଶା ବାନ୍ଧିଥିବା ଦେଖାଯାଇଛି। ଆର୍‌ଆଇକେକେଏସ୍ ସାଧାରଣ ସମ୍ପାଦକ ହିମାଂଶୁ ବଳ କହିଛନ୍ତି, ଚଳିତ ଶ୍ରମିକ ସଂଘ ନିର୍ବାଚନରେ ଆର୍‌ଆଇକେକେଏସ୍‌ର ବିଜୟ ସୁନିଶ୍ଚିତ। ଶ୍ରମିକମାନଙ୍କ ପ୍ରମୁଖ ସମସ୍ୟା ୩୯ ମାସର ଏରିଅରକୁ ନେଇ ପୂର୍ବରୁ ସ୍ୱୀକୃତିଲାଭ କରିଥିବା ଆର୍‌ଏସ୍‌ଏସ୍ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏଥିପାଇଁ ଆମେ କୋର୍ଟର ଦ୍ୱାରସ୍ଥ ହୋଇଛୁ। ଆମ ସଙ୍ଗଠନ ସ୍ୱୀକୃତିଲାଭ କଲେ ନିଶ୍ଚିତ ଭାବେ କୋର୍ଟରେ ଏରିଅର ମାମଲାରେ ବିଜୟ ଲାଭ କରି ଶ୍ରମିକଙ୍କୁ ଉପକୃତ କରିବୁ। ଏହାସହ ୨୦ଟି ନିର୍ବାଚନୀ ପ୍ରତିଶ୍ରୁତି ଆମକୁ ଏକତରଫା ବିଜୟ ହାସଲରେ ସହଯୋଗ କରିବ ବୋଲି ବଳ କହିଥିଲେ। ସେହିପରି ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା କହିଛନ୍ତି, ଏନ୍‌ଜେସିଏସ୍ ମାଧ୍ୟମରେ ୩୯ ମାସର ଏରିଅର, ଗ୍ରାଚ୍ୟୁଇଟି ସିଲିଂ ସମାଧାନ ପାଇଁ ଏମ୍‌ଓୟୁ କରିବାକୁ ଆମେ ପ୍ରୟାସ କରିବୁ। ଏହାସହ ସମୂହ ଶ୍ରମିକ ସ୍ୱାର୍ଥ ପାଇଁ ଆମେ ୨୮ଟି ପ୍ରତିଶ୍ରୁତି ଦେଇଛୁ। ଗତ ୩ ବର୍ଷର ୭୨ଟି କାର୍ଯ୍ୟକ୍ରମ ଚଳିତ ସ୍ୱୀକୃତି ନିର୍ବାଚରେ ବିପୁଳ ସଫଳତା ପାଇଁ ବାଟକଢ଼ାଇ ନେବ ବୋଲି ବେହେରା କହିଥିଲେ। ଅପରପକ୍ଷେ ଆଞ୍ଚଳିକ ଶ୍ରମ ବିଭାଗ (କେନ୍ଦ୍ର) ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା କାରଖାନା କର୍ତ୍ତୃପକ୍ଷଙ୍କ ସହଯୋଗରେ ଭୋଟ ପ୍ରକ୍ରିୟା ସକାଳ ୬ଟାରୁ ଆରମ୍ଭ ହେବାକୁ ଯାଉଛି। କୋକ୍ ଓଭେନ୍ କୋପରେଟିଭ୍ କ୍ୟାଣ୍ଟିନ୍, ବ୍ଲାଷ୍ଟ ଫର୍ନେସ୍ ୧ ଓ ୪ ସମ୍ମିଳନୀ କକ୍ଷ, ପୁରୁଣା ଏଆର୍‌ସି ବିଲ୍‌ଡିଂ, ଏଲ୍‌ଆଣ୍ଡଡି ରୁମ୍ ନଂ.୧୩୨, ପିସିଏମ୍ ବିଲ୍‌ଡିଂ, ପିବିଏସ୍ ବିଲ୍‌ଡିଂ, ଆର୍‌ଏସ୍‌ଏମ୍ ଶପ୍ ପ୍ରୋଗ୍ରେସ ସେକ୍ସନ, କ୍ରେନ୍ ମେଣ୍ଟେନାନ୍ସ ଅଫିସ୍, ଇଲେକ୍ଟ୍ରିକାଲ୍ସ ୱାର୍କଶପ୍, ପ୍ରଶାସନିକ କାର୍ଯ୍ୟାଳୟ ଇ ବ୍ଲକ, ଆଇଭିଏମ୍ ସେକ୍ଟର ୧୯ ଆଦି ମୋଟ ୧୧ଟି ବୁଥ୍‌ରେ ଭୋଟଗ୍ରହଣ କରାଯିବ। ଉକ୍ତ ନିର୍ବାଚନ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି।

# ରାଉରକେଲା ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ


ରାଉରକେଲା ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପ୍ରଶାସନିକ ଅଧିକାରୀଗଣ।

ରାଉରକେଲା,୧୧।୧୧(ବିପ୍ଳବ ରଞ୍ଜନ ଦାଶ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଝାଡ଼ଖଣ୍ଡରେ ନିର୍ବାଚନୀ ପ୍ରଚାର କରିଛନ୍ତି। ଏହି ଅବସରରେ ସେ ପୂର୍ବାହ୍ନ ପ୍ରାୟ ୧୧ଟା ୪୫ ମିନିଟରେ ରାଉରକେଲା ବିମାନ ବନ୍ଦରରେ ଅବତରଣ କରିବା ପରେ ତାଙ୍କୁ ପାନପୋଷ ଭାଜପା ସାଙ୍ଗଠନିକ ଜିଲା ସଭାପତି ଲତିକା ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କ ସମେତ ଦଳୀୟ ନେତା ଏବଂ କର୍ମୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପରେ ମୁଖ୍ୟମନ୍ତ୍ରୀ କିଛି ସମୟ ପାଇଁ ସ୍ଥାନୀୟ ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହ ଭାବ ବିନିମୟ କରିଥିଲେ। ବିମାନ ବନ୍ଦରରେ ସୁନ୍ଦରଗଡ ଜିଲାପାଳ ମନୋଜ ସତ୍ୟବାନ ମହାନନ୍ଦ, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନି, ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭାସ ଶଙ୍କର ନାୟକ, ଡିଏସ୍‌ପି ପୁଷ୍ପାଞ୍ଜଳି ନିନଗୀ ଓ ଉପାସନା ପାଢ଼ୀ ପ୍ରମୁଖ ପୋଲିସ ଫୋର୍ସ ସହ ସୁରକ୍ଷା ଦାୟିତ୍ୱ ତୁଲାଇଥିଲେ। ପରେ ମୁଖ୍ୟମନ୍ତ୍ରୀ ରାଉରକେଲା ବିମାନ ବନ୍ଦର ଅତିଥି ପ୍ରକୋଷ୍ଠରେ କିଛି ସମୟ ରହଣୀ ସମୟରେ ଆସନ୍ତା ୧୫ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଉରକେଲା ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଥିବା ପ୍ରକାଶ କରି ଦୁଃଖ ପ୍ରକାଶ କରିଥିଲେ। ସେହିପରି ରାଉରକେଲାର ମୀନତି ଦେବତାଙ୍କ ସମେତ ବହୁ ଭାଜପା ନେତା ଓ ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ପ୍ରସଙ୍ଗକୁ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଭାଜପାର ବେଟୀ ବଚାଓ ବେଟୀ ପଢ଼ାଓ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୧୧।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମଧୁସୂଦନପାଲ୍ଲୀରେ ବେଟୀ ବଚାଓ ବେଟୀ ପଢାଓ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତ୍ରୀ ନୂତନ ଦୀପଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶତାଧିକ ଛାତ୍ରୀଙ୍କୁ ପାଠପଢା ଉପକରଣ ବଣ୍ଟନ କରିଥିଲେ। ଏହାସହ ବାଳିକା ଶିକ୍ଷାର ଉନ୍ନତି ପାଇଁ ସେ ସହଯୋଗ ଦେବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜେଶ ମହାପାତ୍ର, ଯୁବ ଭାଜପା ନେତା ଅଙ୍କୁଶ ବର୍ମାଙ୍କ ସମେତ ଦଳୀୟ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୧୪ରେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଆସିବା ପରେ ଦେଶର ଝିଅମାନଙ୍କ ଶିକ୍ଷା ବୃଦ୍ଧି କରିବା ପାଇଁ ବେଟୀ ବଚାଓ ବେଟୀ ପଢାଓ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଏହି କ୍ରମରେ ଦେଶରେ ଭାଜପା କାର୍ଯ୍ୟକର୍ତ୍ତାମାନେ ଏହି କାର୍ଯ୍ୟକ୍ରମକୁ ପ୍ରସାର କରିବା ପାଇଁ କାର୍ଯ୍ୟକ୍ରମ ଜାରି ରଖିଛନ୍ତି।

# ମହିଳା ହକି ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାଉରକେଲା,୧୧।୧୧(ଦିନେଶ ମିଶ୍ର)

ରାଉରକେଲା ପାନପୋଷ ସ୍ପୋର୍ଟସ ହଷ୍ଟେଲ ପରିସରରେ ଇଷ୍ଟଜୋନ ଇଣ୍ଟର ୟୁନିଭର୍ସିଟି ମହିଳା ହକି ଟୁର୍ନାମେଣ୍ଟ-୨୦୨୪ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସମାଜସେବୀ ଓମ୍‌ପ୍ରକାଶ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପାନପୋଷ ସ୍ପୋର୍ଟସ ହଷ୍ଟେଲ କୋଚ୍ କାଳୁ ଚରଣ ଚୌଧୁରୀ, ଡକ୍ଟର ସନାତନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍ ଏମ୍.ଜି କାଶୀ ବିଦ୍ୟାପୀଠ ବାରାଣାସୀ ଓ ଏଚ୍‌ୱାଇଭି ୟୁନିଭ୍ ଦୁର୍ଗ ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏଚ୍‌ୱାଇଭି ୟୁନିଭ ଦୁର୍ଗ ୨-୦ ଗୋଲରେ ବାରାଣାସୀ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ପିଟି ଆରଏସ୍‌ଏସ୍ ୟୁନିଭର୍ସିଟି ରାୟପୁର ଓ ଭିବି ହଜାରିବାଗ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଭିବି ହଜାରିବାଗ ଦଳ ୬-୦ ଗୋଲରେ ରାୟପୁର ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ବିଏଚ୍‌ୟୁ ବାରାଣାସୀ ଓ ଏସ୍‌ଏନ୍ ରାୟଗଡ ୟୁନିଭର୍ସିଟି ମଧ୍ୟରେ ଖେଳାଯାଇଥିଲା। ଏଥିରେ ରାୟଗଡ ଦଳ ୱାକ୍ ଓଭର ପାଇ ବିଜୟୀ ହୋଇଥିଲା। ସେହିପରି ୪ର୍ଥ ମ୍ୟାଚ୍ ମଣିପୁର ୟୁନିଭର୍ସିଟି ଓ ଉତ୍କଳ ୟୁନିଭର୍ସିଟି ମଧ୍ୟରେ ଖେଳା ଯାଇଥିଲା। ଏଥିରେ ମଣିପୁର ୟୁନିଭର୍ସିଟିକୁ ବିଜୟୀ ଘୋଷଣା କରାଯାଇଥିଲା। ଏହି ମ୍ୟାଚ୍ ଗୁଡିକ ସମ୍ବଲପୁର ୟୁନିଭର୍ସିଟି ଓ ରାଉରକେଲା ମ୍ୟୁନିସିପାଲ କଲେଜର ମିଳିତ ଆନୁକୂଲ୍ୟରେ ଆୟୋଜିତ କରାଯାଇଥିଲା।

# ତାଲିମପ୍ରାପ୍ତ ପ୍ରଶିକ୍ଷାର୍ଥୀ, ପରିଦର୍ଶକଙ୍କୁ ନେଇ ଅଭିଜ୍ଞତା ଆଦାନପ୍ରଦାନ

ରାଉରକେଲା,୧୧।୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରରେ ଭର୍ଚୁଆଲ ରିଅଲଟି (ଭିଆର୍) ଆଧାରିତ ଫିଲ୍ମ ଡିଜିଟାଲ ୱାକଥରୁ ସ୍ଥାପିତ ହୋଇଛି। ଏହା ତାଲିମପ୍ରାପ୍ତ ପ୍ରଶିକ୍ଷାର୍ଥୀ ତଥା ପରିଦର୍ଶକଙ୍କୁ ଇସ୍ପାତ ତିଆରି ପ୍ରକ୍ରିୟା ଉପରେ ୩୬୦ ଡିଗ୍ରୀ ଶିକ୍ଷା ଅଭିଜ୍ଞତା ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ,୨୦୨୪ ସେପ୍ଟେମ୍ବର ୨୮ରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଏହି ଲ୍ୟାବ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ପ୍ରତି ନବନିର୍ମିତ ଆଟେଣ୍ଡାଣ୍ଟ କମ୍ ଟେକ୍ନିସିଆନ(ଏସିଟି) ଡିଜିଟାଲ ପଦକ୍ଷେପ ସ୍ଥିତି ଅନୁଭବ କରିବା ସୁଯୋଗ ପାଇଥିଲେ। ୩-ଡି ଭିଜୁଆଲାଇଜେଶନ ଓ ସିମୁଲେଶନ ବ୍ୟବହାର କରି ଇଣ୍ଟ୍ରାକ୍ଟିଭ ଡିଜିଡାଟ ଅଭିଜ୍ଞତା ୪୫ଜଣ ତାଲିମପ୍ରାପ୍ତ ପ୍ରଶିକ୍ଷାର୍ଥୀଙ୍କୁ କଞ୍ଚାମାଲ୍ ନିୟନ୍ତ୍ରଣଠାରୁ ଆରମ୍ଭ କରି ଉତ୍ପାଦନ ପର୍ଯ୍ୟନ୍ତ ସମସ୍ତ କୌଶଳ ଅନୁସନ୍ଧାନ କରିବାର ସୁଯୋଗ ପ୍ରଦାନ କରିଥିଲେ। ଏହି ଅନୁଭୂତିମୂଳକ ପ୍ରଶିକ୍ଷଣ ପ୍ରକ୍ରିୟାରେ ଜଟିଳ ଉତ୍ପାଦନ ପ୍ରକ୍ରିୟା ଗୁଡିକୁ ଭିଜୁଆଲ ଭାବେ ଦେଖିବା ଏବଂ ପ୍ଲାଣ୍ଟ ଅପରେଶନ ଜଟିଳତା ଗୁଡିକୁ ଅଧିକ ଆକର୍ଷକ ଭାବେ ବୁଝିବାରେ ସାହାଯ୍ୟ କରିଥିଲା। ପ୍ରଶିକ୍ଷାର୍ଥୀମାନେ ସିମୁଲେଶନ ବିକଳ୍ପ ବ୍ୟବହାର କରିବା ପାଇଁ ୮ଟି ଭିଆର ହେଡ୍‌ସେଟ୍ ଉପଲବ୍ଧ। ଏହି ଡିଜିଟାଲ ପ୍ରକ୍ରିୟା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ପ୍ରଶିକ୍ଷାର୍ଥୀଙ୍କୁ ସେମାନଙ୍କର ନିର୍ଦ୍ଦିଷ୍ଟ ବିଭାଗରେ ନିଯୁକ୍ତି ପୂର୍ବକ ପ୍ରସ୍ତୁତ କରିବାକୁ ସାହାଯ୍ୟ କରୁଛି। ଏହି ଭିଆର୍ ଅଭିଜ୍ଞତା ପୂର୍ବରୁ ଦୁଇ ସପ୍ତାହର ଓରିଏଣ୍ଟେଶନ ପ୍ରୋଗ୍ରାମ ସମୟରେ ବିଭିନ୍ନ ବିଭାଗ, ସୁରକ୍ଷା ପ୍ରୋଟୋକଲ, ମୌଳିକ କାରଖାନା କାର୍ଯ୍ୟ, ଷ୍ଟାଣ୍ଡିଂ ଅର୍ଡର, ମୂଲ୍ୟ ନିୟନ୍ତ୍ରଣ ପଦକ୍ଷେପ ଏବଂ ଆରପିଏଲ ତାଲିମ ନେଇ ଏକ ସମୀକ୍ଷା ପ୍ରଦାନ କରାଯାଇଥିଲା। ଅଧିବେଶନକୁ ଏଲ୍‌ଏଣ୍ଡଡି ବିଭାଗ ମ୍ୟାନେଜର ସୁଶ୍ରୀ ବିନିତା ତିର୍କୀ ସଂଯୋଜନା କରିଥିଲେ।


ପ୍ରଶିକ୍ଷାର୍ଥୀମାନେ ଅଭିଜ୍ଞତା ହାସଲ କରୁଛନ୍ତି।

# ପ୍ରାପ୍ୟ ଦାବିରେ ଠିକା କର୍ମଚାରୀଙ୍କ ବିକ୍ଷୋଭ

ରାଉରକେଲା,୧୧।୧୧(ସଙ୍ଗୀତା ଜେନା)

ବିଭିନ୍ନ ଦାବି ନେଇ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ (ଓବିକେଏମ୍‌ଏସ୍) ରାଉରକେଲା ଶାଖା ପକ୍ଷରୁ ସୋମବାର ପୂର୍ବାହ୍ନରେ ଉଦିତନଗର ସ୍ଥିତ ଟିପିଡବ୍ଲ୍ୟୁଓଡ଼ିଏଲ୍‌ର ସବ୍‌ଡିଭିଜିନାଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜୋନ୍ ସମ୍ପାଦକ ତାପସ ନାଥଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ପରେ ଏକ ପ୍ରତିନିଧିମଣ୍ଡଳୀ ଡିଭିଜନ ଅଫିସର ପାର୍ଥ ଚକ୍ରବର୍ତ୍ତୀଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ସେମାନଙ୍କ ଦାବି ସମ୍ପର୍କରେ ବିଚାର ପାଇଁ ଚକ୍ରବର୍ତ୍ତୀ କିଛିଦିନ ମହଲତ ଲୋଡିଥିଲେ। ସବ୍‌ଡିଭିଜିନାଲ ସମ୍ପାଦକ ରିଙ୍କୁ ସେଠୀ ଅଭିଯୋଗ କରିଛନ୍ତି, ଆମେ ଟିପିଡ଼ବ୍ଲ୍ୟୁଓଡିଏଲ୍‌ର ଠିକା ସଂସ୍ଥାର କର୍ମଚାରୀ ଅଟୁ। ପ୍ରାୟ ଏକ ମାସରୁ ଦରମା ମିଳିନାହିଁ। ଏଥିପାଇଁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ୩୩ କେଭି ଗ୍ରୀଡ୍ ଅପରେଶନରେ କାର୍ଯ୍ୟରତ ପ୍ରାୟ ୮୦ ଜଣ କର୍ମଚାରୀ ଏପରି ସମସ୍ୟା ଭୋଗୁଛନ୍ତି। ସେମାନଙ୍କୁ ବିପଜ୍ଜନକ କ୍ଷେତ୍ରରେ କାର୍ଯ୍ୟକରିବା ପାଇଁ ସୁରକ୍ଷା ଉପକରଣ ଓ ଇଏସ୍‌ଆଇସି ସୁବିଧା ମିଳୁନାହିଁ। କର୍ମକ୍ଷେତ୍ରରେ ଉଚ୍ଚ ଅଧିକାରୀମାନଙ୍କ ଅସଦାଚରଣ ମଧ୍ୟ ସହ୍ୟ କରିବାକୁ ପଡୁଛି। ଦାବି ଗୁଡ଼ିକ ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେଠୀ ଚେତାବନୀ ଦେଇଥିଲେ। ସଙ୍ଗଠନ ସମ୍ପାଦକ ବିବେକାନନ୍ଦ ମଲ୍ଲିକ, ସମ୍ପାଦକ ତପନ ଜେନା, ଆରଏସ୍‌ଇଡ଼ି ସବ୍‌ଡିଭିଜନ ସମ୍ପାଦକ ମୁକେଶ ମୁଖାର୍ଜୀ, ଏକ୍‌ଜିକ୍ୟୁଟିଭ ସଦସ୍ୟ ଅସିତ ମହାପାତ୍ର, ପ୍ରଦୀପ ବେହେରା, ପ୍ରଶାନ୍ତ ବେହେରା, ଯଶୋବନ୍ତ ଶାହା ପ୍ରମୁଖ ଉପସ୍ଥିତ ଥିଲେ।



ଉଦିତନଗର ସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ରାଷ୍ଟ୍ରୀୟ ଶିକ୍ଷା ଦିବସ ପାଳିତ**

ସମ୍ବଲପୁର,(ବି.ଶଙ୍କର): ଏବିସିଡି ପକ୍ଷରୁ ରାଷ୍ଟ୍ରୀୟ ଶିକ୍ଷା ଦିବସ ସମ୍ବଲପୁର ମହାନଗର ନିଗମ ବାଲିବନ୍ଧା ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶିନୀ ବାଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ସୁନୀଲ ସାଗର ମୁଖ୍ୟବକ୍ତାଭାବେ ଯୋଗଦେଇ ମୌଲାନା ଅବୁଲ କଲାମଙ୍କ ଜୀବନୀ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏବିସିଡି ସଭାପତି ରାଜେନ୍ଦ୍ର ଶତନାମୀଙ୍କ ସହ ଅନ୍ୟାନ୍ୟ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ସାଲୁ ରାଜପୁତ ସୂଚନା ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଭୂତାପଡା ରାସ୍ତାରୁ ହଟିଲା ଦୋକାନ ଘର

ସମ୍ବଲପୁର,୧୧।୧୧(ଭବାନୀ ଶଙ୍କର ଭୋଇ)

ଭୂତାପଡା ଛକରେ ଥିବା ୭ଟି ଦୋକାନ ଘରକୁ ସୋମବାର ସମ୍ବଲପୁର ମହାନଗର ନିଗମର ପ୍ରବର୍ତ୍ତନ ବିଭାଗ ପକ୍ଷରୁ ଭଙ୍ଗାଯାଇଛି। ଜେଲଛକଠାରୁ ଧନୁପାଲି ପର୍ଯ୍ୟନ୍ତ ଦୁଇଥାକିଆ ରାସ୍ତା ନିର୍ମାଣ ସରିଥିବା ବେଳେ ସହର ମଝି ଜେଲଛକଠାରୁ ଜିଲାସ୍କୁଲ ଛକ ପର୍ଯ୍ୟନ୍ତ ଏବେବି ଏକଥାକିଆ ରାସ୍ତା ରହିଛି। ରାସ୍ତା ଉପରେ ତତ୍କାଳିନ ସମ୍ବଲପୁର ପୌର ପରିଷଦ ପକ୍ଷରୁ ଦୋକାନଘର ତିଆରି କରାଯାଇଥିବା ଯୋଗୁ ରାସ୍ତା ଅଣଓସାରିଆ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। ସେଥିପାଇଁ କିଛିଦିନ ପୂର୍ବରୁ ଜବରଦଖଲରେ ଥିବା ୭ଟି ଦୋକାନକୁ ଭଙ୍ଗାଯାଇଥିବା ବେଳେ ଅନ୍ୟ ୭ଟି ଦୋକାନକୁ ଖାଲି କରିବା ପାଇଁ ନୋଟିସ୍ ପ୍ରଦାନ କରାଯାଇଥିଲା। ଦୋକାନ ହଟିବା ପରେ ଦୁଇଥାକିଆ ରାସ୍ତା ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇଛି।

### ୨ ଲୋକ ପାଇଲଟ ପୁରସ୍କୃତ



ସମ୍ବଲପୁର,୧୧।୧୧(ପ୍ରମୋଦ ବହିଦାର)

କର୍ତ୍ତବ୍ୟନିଷ୍ଠା ଓ ସମର୍ପିତ ଭାବ ସହକାରେ ସୁରକ୍ଷିତ ରେଳ ଚଳାଚଳ ପାଇଁ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଦୁଇ ଲୋକ ପାଇଲଟ(ଟ୍ରେନ୍ ଇଞ୍ଜିନ ଚାଳକ)ଙ୍କୁ ପୁରସ୍କୃତ କରାଯାଇଛି। ସେମାନେ ହେଲେ ରାୟପୁରର ମାଲଗାଡ଼ି ଇଞ୍ଜିନ ଚାଳକ ସନ୍ଦିପ ପାଟିଲ ଓ ତୋରଣଲାଲ ସାହୁ। ସମ୍ବଲପୁର ରେଳ ମଣ୍ଡଳରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ଉଭୟଙ୍କୁ ପ୍ରମାଣ ପତ୍ର ଓ ନଗଦ ରାଶି ପ୍ରଦାନ କରି ପୁରସ୍କୃତ କରିଛନ୍ତି। ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂଙ୍କ ସମେତ ସମସ୍ତ ଶାଖାର ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।

### ଉଡ଼ାନ ଅନୁଷ୍ଠାନର ସପ୍ତମ ବାର୍ଷିକୋତ୍ସବ

ସମ୍ବଲପୁର,୧୧।୧୧(ପ୍ରମୋଦ ବହିଦାର)

ଉଡ଼ାନ ଅନୁଷ୍ଠାନର ସପ୍ତମ ବାର୍ଷିକ ଉତ୍ସବ ସମ୍ବଲପୁର ଗଙ୍ଗାଧର ମେହେର ପ୍ରେକ୍ଷାଳୟରେ ଅନୁଷ୍ଠିତ ଅନୁଷ୍ଠିତ ହେଇ ଯାଇଛି। ସୁଜାତା ମହାପାତ୍ର ମୁଖ୍ୟଅତିଥି, ଉଡ଼ାନ ଅନୁଷ୍ଠାନ ମୁଖ୍ୟ ହେମନ୍ତ କୁମାର ମହାପାତ୍ର, ଆଇନ ପରାମର୍ଶ ଅଧକ୍ଷ ବନ୍ଦିତା ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସଙ୍ଗୀତ ପରିବେଷଣ କରିଥିଲେ। ସମ୍ବଲପୁର ଉଡ଼ାନ ଅନୁଷ୍ଠାନରେ କଥକ ନୃତ୍ୟ ଶିକ୍ଷା ଆରମ୍ଭ ହୋଇଥିଲା ବୋଲି ନିର୍ଦ୍ଦେଶିକା ତମନ୍ନା ସାମନ୍ତରାୟ କହିଥିଲେ। ଧନୁପାଲିଠାରେ ଉଡ଼ାନର ନୂତନ କ୍ୟାମ୍ପସ ସମ୍ପର୍କରେ ଅନୁଷ୍ଠାନ ଅଧକ୍ଷ ରମେଶ ସାହା ସୂଚନା ଦେଇଥିଲେ।

### ସ୍ମୃତିଚାରଣ ସଭା, ସ୍ମରଣିକା ଉନ୍ମୋଚିତ

ସମ୍ବଲପୁର,୧୧।୧୧(ବି.ଶଙ୍କର)

କଂଗ୍ରେସ ନେତା ସ୍ୱର୍ଗତ ଅଶୋକ ବେରିହାଙ୍କ ସ୍ମୃତିରେ ସୋମବାର ଦଲେଇପଡା କଲ୍ୟାଣ ମଣ୍ଡପରେ ସ୍ମାରଣିକା ଉନ୍ମୋଚିତ ହୋଇଛି। ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି, ସୁରେଶ୍ୱର ମିଶ୍ର, ଜ୍ୟୋତିର ସଂଯୋଜକ କଳ୍ପନା ମିଶ୍ର ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ସ୍ୱର୍ଗତ ଅଶୋକଙ୍କ ଧର୍ମପତ୍ନୀ ସୁମତୀ ବେରିହା ସ୍ମରଣିକା ଉନ୍ମୋଚନ କରିଥିଲେ। ସ୍ୱର୍ଗତ ବେରିହା ଜଣେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ଅତିଥିମାନେ କହିଥିଲେ। ଶ୍ରୀକାନ୍ତ କିଶୋର ଷଡଙ୍ଗୀ, କଲିମ ରାଉତ, ରାମାନୁଜ ପଣ୍ଡା, ରମେଶ ବାରିକ, ମହେନ୍ଦ୍ର ସାହୁ, ରତ୍ନ ଭୁଷଣ ପୃଷେଠ, ଅଖିଳ ରଞ୍ଜନ ପଟ୍ଟନାୟକ ତାଙ୍କର ସ୍ମୃତି ଚାରଣ କରିଥିଲେ।

### ସମଲେଶ୍ୱରୀ ମନ୍ଦିର ରତ୍ନମୁଦ ଉତ୍ସବ

ନାକଟିଦେଉଳ, ୧୧।୧୧(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ କିସିଣ୍ଡାଠାରେ ନିର୍ମିତ ସମଲେଶ୍ୱରୀ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମହିଳା ବେଙ୍ଗଛାଲ କଟାରୁ ପୂର୍ଣ୍ଣଜଳ କଳସ ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ଦର୍ଶନୀ ଷଣ୍ଢ ଏବଂ ତାଙ୍କ ପତ୍ନୀ ଜୟନ୍ତୀ ଷଣ୍ଢ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବହୁ ଶ୍ରଦ୍ଧାଳ ମନ୍ଦିର ରତ୍ନମୁଦ ସ୍ଥାପନରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦିର କମିଟି ସଭାପତି ଦର୍ଶନୀ ଷଣ୍ଢ, ସମ୍ପାଦକ କ୍ଷେତ୍ର ମୋହନ ବାଘ, ସଭ୍ୟ କୈବଲ୍ୟ ଷଣ୍ଢ, ତ୍ରିବିକ୍ରମ ପ୍ରଧାନ, କୃଷ୍ଣଚନ୍ଦ୍ର ବଗର୍ତ୍ତୀ ଏବଂ ମଦନ ମୋହନ ପଟେଲଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ।

# ସମ୍ବଲପୁର ସହରକୁ ନିର୍ମାଣ ସାମଗ୍ରୀ ଯୋଗାଣ ବନ୍ଦ

- ନିର୍ମାଣ ସାମଗ୍ରୀ ଯୋଗାଣକାରୀ ସଂଘର ଚକାବନ୍ଦ ଆନ୍ଦୋଳନ
- ସୁନ୍ଦରଗଡରୁ ଇ-ଟ୍ରାଞ୍ଜିଟ୍ ପାସ୍ ପ୍ରଦାନରେ ଅଚଳାବସ୍ଥା



ସମ୍ବଲପୁର ନିର୍ମାଣ ସାମଗ୍ରୀ ଯୋଗାଣକାରୀ ସଂଘ ସଦସ୍ୟ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ସମ୍ବଲପୁର,୧୧।୧୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ନିର୍ମାଣ ସାମଗ୍ରୀ ଯୋଗାଣକାରୀ ସଂଘ ପକ୍ଷରୁ ସୋମବାରଠାରୁ ଚକାବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ବାଲି, ମାଟି ପରିବହନ ଏବଂ ଯୋଗାଣରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସଂଘ ସଭାପତି ବିନାୟକ ରାମଙ୍କ ନେତୃତ୍ୱରେ ସଦସ୍ୟମାନେ ସମ୍ବଲପୁର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ବିଶେଷକରି ବାଲି ଯୋଗାଣ ଏବଂ ପରିବହନ ପାଇଁ ଆବଶ୍ୟକ ଇ-ଟ୍ରାଞ୍ଜିଟ୍ ପାସ୍ ପ୍ରଦାନରେ ଦେଖାଦେଇଥିବା ଅଚଳାବସ୍ଥା ଯୋଗୁ ଗାଡି ମାଲିକମାନେ ନାନା ଅସୁବିଧାର ଶିକାର ହେଉଥିବା ନେଇ ଅଭିଯୋଗ କରିଛନ୍ତି।

ସମ୍ବଲପୁର ଜିଲାକୁ ଝାରସୁଗୁଡା, ସୁନ୍ଦରଗଡ ଏବଂ ବୌଦ୍ଧ ଜିଲାରୁ ବାଲି ପରିବହନ କରାଯାଉଛି। ତେବେ ବିଶେଷ କରି ସୁନ୍ଦରଗଡ ଜିଲାର ଭସ୍ମା ଘଟରୁ ଆସୁଥିବା ବାଲି ପରିବହନ ପାଇଁ ଏବେବି ହାତ ଲିଖିତ ପାସ୍ ପ୍ରଦାନ କରାଯାଉଛି। ଏହାକୁ ଝାରସୁଗୁଡା ଏବଂ ସମ୍ବଲପୁର ଜିଲାରେ ମାନ୍ୟ ଭାବେ ଗ୍ରହଣ କରାଯାଉନାହିଁ ଏବଂ ଇ-ଟ୍ରାଞ୍ଜିଟ୍ ପାସ୍ ମଗାଯାଉଛି। ବାଲିକ୍ୱାରୀ ଲିଜ ଧାରକ ଇ-ଟ୍ରାଞ୍ଜିଟ୍ ପାସ୍ ନଦେଇ ହାତ ଲିଖିତ ପାସ୍ ଦେଉଛନ୍ତି। ଯାହାକୁ ଦେଖାଇଲେ ସମ୍ବଲପୁର ଜିଲାରେ ଖଣି ବିଭାଗ ଲକ୍ଷଲକ୍ଷ ଟଙ୍କାର ଫାଇନ ଆଦାୟ କରୁଥିବା ନେଇ ସଂଘ ପକ୍ଷରୁ ଜିଲାପାଳଙ୍କଠାରେ ଅଭିଯୋଗ କରାଯାଇଛି। ଏହାସହ ଗାଡିରେ ଓଭରଲୋଡିଂକୁ ଏଡାଇବା ପାଇଁ, ବାଲିକ୍ୱାରୀ ସାଇଟରେ ଓଜନ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଥିଲା। କ୍ୱାରୀ ସାଇଟରେ ମନମୁଖୀ ମୂଲ୍ୟ ଆଦାୟକୁ ବନ୍ଦ କରିବା ପାଇଁ ବାଲିର ସର୍ବାଧିକ ବିକ୍ରି ମୂଲ୍ୟଧାର୍ଯ୍ୟ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହାସହ ସମସ୍ତ ବାଲି କ୍ୱାରୀ ସାଇଟରେ ଆବଶ୍ୟକ ସୂଚନା ପ୍ରଦର୍ଶନ କରିବାକୁ ଦାବି କରାଯାଇଛି। ଏହାଦ୍ୱାରା ପ୍ରକୃତ ବାଲି ଖଣି ଚିହ୍ନଟ ହେବା ସହ ବେଆଇନ ଖଣିରୁ ବାଲି ଉଠାଇ ବାଟରେ ଫାଇନର ଶିକାର ହେବାକୁ ପଡିବ ନାହିଁ ବୋଲି ଜିଲାପାଳଙ୍କୁ ସଂଘ ଅବଗତ କରିଛି। ଏହାସହ ଇ-ଟ୍ରାଞ୍ଜିଟ୍ ପାସ୍‌ର ପ୍ରକୃତତା ଯାଞ୍ଚ କରିବା ପାଇଁ ଏକ ମୋବାଇଲ୍ ଆପ୍ ବିକାଶ କରିବାକୁ ଖଣି ବିଭାଗୀୟ ନିର୍ଦ୍ଦେଶକଙ୍କୁ କୁହାଯିବାକୁ ସଂଘ ଦାବି କରିଛି। ପରିବହନ ବିଭାଗ ପକ୍ଷରୁ ରାସ୍ତାରେ ଯାନବାହନ ଯାଞ୍ଚ କରି ସମସ୍ତ କାଗଜପତ୍ର ରହିଥିବା ସତ୍ତ୍ୱେ ଓଦା ବାଲି ଅଧିକ ଓଜନ ରହିବା କାରଣରୁ ଭାରି ଦଣ୍ଡବିଧାନ କରୁଥିବା ନେଇ ସଂଘ ଅଭିଯୋଗ କରିଥିଲା। ପୁଣି ରାତିରେ ପୋଲିସ ଗାଡିମାନଙ୍କଠାରୁ ବଟି ଆଦାୟ କରୁଥିବା ନେଇ ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ଏହାଦ୍ୱାରା ଇ-ଟ୍ରାଞ୍ଜିଟ୍ ପାସ୍, ନକଲି ଇ-ଟ୍ରାଞ୍ଜିଟ୍ ପାସ୍, ଓଭର ଲୋଡ ଆଦି ସମସ୍ୟାକୁ ନେଇ ଟ୍ରକ୍ ଏବଂ ହାଇୱା ମାଲିକମାନେ ନିଜ ଗାଡି ଚଳାଇବା ବନ୍ଦ କରିଥିବା ଜିଲାପାଳଙ୍କ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ ସଂକ୍ରାନ୍ତରେ ଜିଲାପାଳ ସମ୍ବଲପୁର ଏସ୍‌ପି ଏବଂ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇ ସମାଧାନର ବାଟ ବାହାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। ତେବେ ନିର୍ମାଣ ସାମଗ୍ରୀ ଯୋଗାଣକାରୀ ସଂଘ ସଦସ୍ୟମାନଙ୍କୁ ମଧ୍ୟ ଓଭରଲୋଡିଂ ପରିବହନ ନକରିବାକୁ ପରାମର୍ଶ ଦେଇଥିଲେ। ତେବେ ଜିଲାପାଳଙ୍କ ସହ ବୈଠକ ପରେ କ'ଣ ପଦକ୍ଷେପ ନିଆଯାଉଛି ତାକୁ ନେଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଭାଗନେବେ ପାୟଲ

କୁଚିଣ୍ଡା,୧୧।୧୧(ବିରଞ୍ଚି ଦର୍ଶ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଅର୍ଡାବାହାଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ପାୟଲ ଠାକୁର ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ରାଜକୋଟ ଓ ଗୁଜୁରାଟରେ ସାତଦିନ ଧରି ହେବାକୁ ଥିବା ଜାତୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତାରେ ଭାଗନେବାକୁ ସେ ମନୋନୀତ ହେବା ପରେ ଅର୍ଡାବାହାଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ନାଏକ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ଏହାଛଡା ଆଗାମୀ ପ୍ରତିଯୋଗୀତାରେ ତାଙ୍କ ସଫଳତା ପାଇଁ ଭଗବାନଙ୍କ ଠାରେ ପ୍ରାର୍ଥନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ରଞ୍ଜନ ସାହୁ, ରାଜେନ୍ଦ୍ର କୁମାର ସାହୁ, ବୀରେନ୍ଦ୍ର ନାଏକ, ବିକାଶ ବିଜୟ ନାୟକ, ଶିକ୍ଷୟିତ୍ରୀ ସୁଷମା ପାଣି, ଦୀପିକା ନାୟକ, ଏଏନ୍‌ଏମ ଲଳିତା କୁସୁମ, ମାଟ୍ରନ ଧରିତ୍ରୀ ବେହେରା, ଖେଳ ଶିକ୍ଷକ ଚନ୍ଦନ କୁମାର ମାକର ପ୍ରମୁଖ ପାୟଲ ଠାକୁରଙ୍କୁ ଉତ୍ସାହିତ କରିଥିଲେ।



ପାୟଲ ଠାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## କଂକ୍ରିଟ ରୋଡ ନିର୍ମାଣ ପାଇଁ ଭୂମି ପୂଜା



କଂକ୍ରିଟ ରୋଡ ନିର୍ମାଣ ନିମନ୍ତେ ଭୂମି ପୂଜନ କରାଯାଉଛି।

ସମ୍ବଲପୁର,୧୧।୧୧(ବି.ଶଙ୍କର)

ଶ୍ୟାମ ମେଟାଲିକ୍ସ କମ୍ପାନୀ ପକ୍ଷରୁ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ନିଶାନଭଙ୍ଗା ଗ୍ରାମଠାରୁ ଝାରମୁଣ୍ଡା ପର୍ଯ୍ୟନ୍ତ କଂକ୍ରିଟ ରୋଡ ନିର୍ମାଣ ନିମନ୍ତେ ଭୂମି ପୂଜା ସୋମବାର ଅନୁଷ୍ଠିତ ହୋଇଯାଇଛି । କଂକ୍ରିଟ କାର୍ଯ୍ୟ ସକାଶେ ଶ୍ୟାମ ମେଟାଲିକ୍ସ ପରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି(ସିଏସ୍‌ଆର) ବହନ କରିବ। ଏହି ରାସ୍ତା ନିର୍ମାଣ ଦ୍ୱାରା ଆଖପାଖ ଅଞ୍ଚଳର ବିକାଶ ସହ ଗମନାଗମନ ପାଇଁ ସୁବିଧା ହେବ । ଯଦ୍ୱାରା ଅଞ୍ଚଳବାସୀ ସୁବିଧାରେ ଯାତାୟତ କରିପାରିବେ । ଭୂମି ପୂଜନ କାର୍ଯ୍ୟକ୍ରମରେ କମ୍ପାନୀର ସୁରେନ୍ଦ୍ର ମିଶ୍ର, ସୁଜିତ ତ୍ରିପାଠୀ, ନିଶାନଭଙ୍ଗା ସରପଞ୍ଚ ସରୋଜ ମେହେର, ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ସମେତ ନିଶାନଭଙ୍ଗା ଗ୍ରାମ ଓ ଝାରମୁଣ୍ଡା ଗ୍ରାମର ବାସିନ୍ଦା ଉପସ୍ଥିତ ଥିଲେ ।

# ଜାନୁଆରୀ ୧୫ରୁ ସମ୍ବଲପୁରୀ ଧନୁଯାତ୍ରା

**ପୂର୍ବ ତ୍ରୁଟିକୁ ସଂଶୋଧନ କରି ଅଧିକ ଭବ୍ୟ କରାଯିବ**

ସମ୍ବଲପୁର,୧୧।୧୧(ପ୍ରମୋଦ ବହିଦାର)

ସମ୍ବଲପୁରରେ ଆସନ୍ତା ୨୦୨୫ ଜାନୁୟାରୀ ୧୫ରୁ ସମ୍ବଲପୁରୀ ଧନୁଯାତ୍ରା ଆରମ୍ଭ ହେବ। ସମ୍ବଲପୁରୀ ଭାଷାର ସୁରକ୍ଷା ସହିତ ପ୍ରଚାର ପ୍ରସାର ପାଇଁ ବର୍ଷକ ତଳେ ଆରମ୍ଭ ହୋଇଥିବା ଏହି ଉତ୍ସବକୁ ଅଧିକ ଭବ୍ୟ କରାଯିବ। ପ୍ରଥମ ବର୍ଷ ଖୁବ୍ କମ୍ ସମୟ ମଧ୍ୟରେ ପ୍ରସ୍ତୁତ ହୋଇଥିବା ଧନୁଯାତ୍ରାରେ ଦେଖାଦେଇଥିବା ସମସ୍ତ ତ୍ରୁଟିକୁ ଚଳିତ ଥର ସଂଶୋଧନ କରାଯିବ। ଏଥିପାଇଁ ପ୍ରସ୍ତୁତି ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି ବୋଲି କହିଛନ୍ତି ଯାତ୍ରା କମିଟି ସଭାପତି ସଞ୍ଜୟ ବାବୁ।

ସ୍ଥାନୀୟ ସାମ୍ବାଦିକ ଭବନ ପ୍ରଶାନ୍ତ ମହାନ୍ତି ସଭାକକ୍ଷରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାପତି ବାବୁ କହିଲେ ଯେ, ଲୋକଙ୍କ ନିକଟରେ ସମ୍ବଲପୁରୀ ଭାଷା ଓ ସଂସ୍କୃତି ପହଞ୍ଚାଇବାରେ ସମ୍ବଲପୁରୀ ଧନୁଯାତ୍ରା ଏକ ବଳିଷ୍ଠ ମାଧ୍ୟମ। ଏହାର ସଫଳ ରୂପାୟନ ପାଇଁ ସମ୍ବଲପୁରବାସୀ ଓ ସମ୍ବଲପୁରୀ ଭାଷାକୁ ଭଲପାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ ବାବୁ। ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ ୨୦୨୫ ଜାନୁୟାରୀ ୧୫ରୁ ୧୯ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଧନୁଯାତ୍ରା ଆୟୋଜିତ ହେବ। ସମ୍ବଲପୁର ଗଙ୍ଗାଧର ମଣ୍ଡପ ମଥୁରା ନଗରୀ ଓ ଚାଉଁରପୁରରେ ଗୋପପୁରର ରୂପ ଧାରଣ କରିବ। ଏଥିପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତବର୍ଷ ସମ୍ପୂର୍ଣ୍ଣ ନିର୍ଭୁଲ ତଥା ଅଧିକ ଭବ୍ୟ ରୂପରେ ଆୟୋଜନ କରାଯିବ। ଆଗାମୀ ଧନୁଯାତ୍ରାକୁ ନେଇ ସମସ୍ତ କଳାକାରଙ୍କ ସହିତ ଆୟୋଜକ କମିଟି ତଥା ଏଥିରେ ସମ୍ପୃକ୍ତ ବ୍ୟକ୍ତିବିଶେଷ ବେଶ ଉତ୍ସାହିତ ଅଛନ୍ତି। ଧନୁଯାତ୍ରା ଶୀତ ଋତୁରେ ଆୟୋଜିତ ହେଉଥିବାରୁ ମହାରାଜ କଂସଙ୍କ ନଗର ପରିକ୍ରମାକୁ ସନ୍ଧ୍ୟାରେ ଶୀଘ୍ର ଆରମ୍ଭ କରିବାକୁ ପ୍ରୟାସ କରାଯିବ। ଏହାବ୍ୟତୀତ ଚଳିତବର୍ଷ ଦୁଇଟି ମଣ୍ଡପ ବଦଳରେ ଗୋଟିଏ ବଡ଼ ମଣ୍ଡପରେ ଦରବାର ଆୟୋଜିତ ହେବ। ସମ୍ବଲପୁରୀ ଧନୁଯାତ୍ରା ଆୟୋଜନ ପାଇଁ ପ୍ରାଥମିକ ଭାବେ ୨୦ରୁ ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଯାତ୍ରା କମିଟି ସମ୍ପାଦକ ଗୁଣ ରଞ୍ଜନ ସାଲିମା, ଲେଖକ ଓ ନିର୍ଦ୍ଦେଶକ ବବଲୁ ବାଗ, ସାଂସ୍କୃତିକ ସମ୍ପାଦକ କୃଷ୍ଣ ବାଗ, କଂସ ଭୂମିକାର କଳାକାର ଫଣିନ୍ଦ୍ର ପଣ୍ଡା, କୋଷାଧକ୍ଷ ନୀଶିକାନ୍ତ ବିଶ୍ୱାଳ ଓ ଯାତ୍ରା କମିଟି ସଦସ୍ୟ ଉପସ୍ଥିତ ଥିଲେ।



ଧନୁଯାତ୍ରା ଆୟୋଜନ ପାଇଁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

## ଜିଲାସ୍ତରୀୟ ଯୁବ ରେଡକ୍ରସ ସମୀକ୍ଷା ବୈଠକ

କୁଚିଣ୍ଡା,୧୧।୧୧(ବିରଞ୍ଚି ଦର୍ଶ)

ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଜିଲାସ୍ତରୀୟ ଯୁବ ରେଡକ୍ରସ କାଉନସେଲର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଓଡିଶା ରାଜ୍ୟ ଯୁବ ରେଡକ୍ରସ ଅଫିସର ଡ.ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ଜିଲାର ଯୁବ ରେଡକ୍ରସ ସମ୍ପର୍କିତ ସ୍ଥିତି ବାବଦରେ ସମୀକ୍ଷା କରିଥିଲେ। ଜିଲାର ସମସ୍ତ କଲେଜରେ ରେଡକ୍ରସ ୟୁନିଟ ଠିକ୍ ଭାବେ କାର୍ଯ୍ୟକରିବା, ରେଡ ରିବନ କ୍ଲବ ଖୋଲି ଏଡ୍‌ସ ସଚେତନତା ବାର୍ତ୍ତା ପ୍ରସାରିତ କରିବା, ରକ୍ତଦାନ ଶିବିର ଆୟୋଜନ, ଇଣ୍ଡକସନ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ରେଡକ୍ରସରେ ଅଧିକ ସଂଖ୍ୟାରେ ଯୋଡିବା ଆଦିର ସମୀକ୍ଷା କରିଥିଲେ। ସମ୍ବଲପୁର ଜିଲା ସଂଯୋଜକ ଅଧିକାରୀ ଅଞ୍ଜନ କୁମାର ମିଶ୍ର ଓ ଜିଲା କନଭେନର ସମ୍ପାଦକ ଡ.ପବିତ୍ର ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କାଉନସେଲର ହରେଶ କୁମାର ସାହୁ ପରିଚାଳନା ଚାଳନା କରିଥିଲେ। ଏଥିରେ ଜିଲାର ୪୩ କଲେଜର ରେଡକ୍ରସ କାଉନସେଲର ଯୋଗ ଦେଇଥିଲେ। ଅଧ୍ୟାପକ ମିଲନ ନାଏକ, ମଳୟ ବୁଡା, ବିକାଶ ପାଣି, ଯଶୋଦା ମାଝି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବଣଭୋଜି ଅଞ୍ଚଳରେ ସ୍ୱଚ୍ଛତା ଅଭିଯାନ

ସମ୍ବଲପୁର,୧୧।୧୧ (ଭବାନୀ ଶଙ୍କର ଭୋଇ)

ମ୍ରିଦା ଫାଉଣ୍ଡେଶନ୍ ଦ୍ୱାରା ପରିବେଶ ଅନୁକୂଳ ସାମାଜିକ କାର୍ଯ୍ୟକ୍ରମକୁ ନେଇ ସୋମବାର ହୀରାକୁଦ ବଣଭୋଜି ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଶୀତଋତୁ ଆରମ୍ଭ ହେବା ସହିତ ବଣଭୋଜି ଆରମ୍ଭ ହୋଇଛି। ସେଗୁଡ଼ିକ କିଭଳି ପରିବେଶ ଅନୁକୂଳ ହେବା ଦରକାର ସେ ବିଷୟରେ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଇଥିଲା। ପ୍ଲାଷ୍ଟିକ ବ୍ୟବହାରର କୁପ୍ରଭାବ ପରିବେଶ ପଡୁଛି। ସ୍ୱଚ୍ଛ ଏବଂ ପରିବେଶ ଅନୁକୂଳ ଉତ୍ସବ, ଭୋଜି ଆୟୋଜନ କରିବା ଉପରେ ଆଲୋଚନା କରାଯାଇଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ହୀରାକୁଦ ପିକନିକ ସ୍ଥଳରେ ପଡିଥିବା ଆବର୍ଜନା ସଫା କରିଥିଲେ। ବଣଭୋଜି ଋତୁରେ ପରିବେଶ ପରିଷ୍କାର ରଖିବା ପାଇଁ ଲୋକେ ନିଜର ଏକ ଦାୟିତ୍ୱ ଭାବେ ଚିନ୍ତା କଲେ ଆଗାମୀ ଦିନରେ ସମସ୍ତେ ଏକ ସୁସ୍ଥ ବାତାବରଣ ଉପଭୋଗ କରିପାରିବେ ବୋଲି ସଦସ୍ୟମାନେ କହିଛନ୍ତି। ଏହି ଅଭିଯାନରେ ଫାଉଣ୍ଡେଶନ ସଂଯୋଜକ ଡ. ଦ୍ୱିବେନ୍ଦୁ ସାହୁ, ଢୁଲାମଣି ପଧାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଆଗମୀ ଦିନରେ ସାମାଜିକ କାର୍ଯ୍ୟକ୍ରମରେ ଆବଶ୍ୟକ ପରିବର୍ତ୍ତନ ଆଣିବାରେ ସଚେତନତା ସୃଷ୍ଟି ଜାରି ରଖାଯିବ ବୋଲି ପକ୍ଷରୁ କୁହାଯାଇଛି।

## ଛାତ୍ରୀମାନେ ପରିବର୍ତ୍ତନର କାରଣ ହୁଅନ୍ତୁ

**ମହିଳା ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ**

ସମ୍ବଲପୁର,୧୧।୧୧(ବି.ଶଙ୍କର)

ଜାତୀୟ ଶିକ୍ଷା ଦିବସ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ସୋମବାର ପାଳିତ ହୋଇଯାଇଛି। ବୁର୍ଲା ଭିମସାର ନିର୍ଦ୍ଦେଶକ ପ୍ରଫେସର ଭାବଗ୍ରାହୀ ରଥ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଦେଶ ସେବା ପାଇଁ ନିଜକୁ ଯୋଗ୍ୟ କରିବାକୁ ଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଛାତ୍ରୀମାନେ ପରିବର୍ତ୍ତନର କାରଣ ହୁଅନ୍ତୁ। ଜଣେ ଭଲ ମଣିଷ ହେବା ଆମର ଧ୍ୟେୟ ହେବା ଉଚିତ। ଦୁଃଖ ଦେବା ନାହିଁ କି ଦୁଃଖ ନେବା ନାହିଁ। ଶିକ୍ଷା ମାଧ୍ୟମରେ ନିଜର ଅଭିବୃଦ୍ଧି ସହ ବିଶ୍ୱ ଉନ୍ନତିର କାରଣ ହେବାକୁ ପ୍ରଫେସର ରଥ ପରାମର୍ଶ ଦେଇଥିଲେ। ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳ ତାଙ୍କ ସଭାପତୀୟ ସମ୍ଭାଷଣରେ ଛାତ୍ରୀମାନଙ୍କୁ ଜାତୀୟ ଶିକ୍ଷା ଦିବସ ପାଳନର ତାତ୍ପର୍ଯ୍ୟ, ଇତିହାସ ଓ ଭୂମିକା ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ସହକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଭୋଜରାଜ ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟ ଉପାଧ୍ୟକ୍ଷ ଶିକ୍ଷାବିଭାଗ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଶତାଧିକ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଭାଗ ନେଇଥିଲେ।





ଆୟୋଜିତ ଜାତୀୟ ଶିକ୍ଷା ଦିବସ ସଭାରେ ମଞ୍ଚାସୀନ ଅତିଥି ।

# ସଙ୍ଗଠନ ଶକ୍ତିଶାଳୀ କରିବା ଉପରେ ଗୁରୁତ୍ୱ

- ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସମନ୍ୱୟ ସମିତି ସମାବେଶ
- ୨୬ରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକାତ୍ମକ ଧାରଣା

ସମ୍ବଲପୁର,୧୧।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୨୬ତାରିଖରେ ଜିଲା ଚାଷୀ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯିବ। କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ ବିରୋଧରେ ସଂଯୁକ୍ତ କିସାନ ମୋର୍ଚ୍ଚା ପକ୍ଷରୁ ନୂଆଦିଲ୍ଲୀ ସୀମାରେ ଏକବର୍ଷ ଧରି ହୋଇଥିବା ଆନ୍ଦୋଳନ ଓ ଏଥିରେ ମୃତ୍ୟୁବରଣ କରିଥିବା ୭ ଶହରୁ ଉର୍ଦ୍ଧ୍ୱ ଚାଷୀଙ୍କ ସ୍ମରଣେ ଏହି ଧାରଣା ଦିଆଯିବ ବୋଲି ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି। ସମ୍ବଲପୁର ଜମାଦାରପାଲିଠାରେ ଚାଷୀ ସମନ୍ୱୟ ସମିତି ପକ୍ଷରୁ ନିର୍ମିତ ଚାଷୀର ରେଖାଠାରେ ସୋମବାର ଅନୁଷ୍ଠିତ ଚାଷୀ ସମାବେଶରେ ଏପରି କୁହାଯାଇଛି। ଶିଳ୍ପାନୁଷ୍ଠାନକୁ ହୀରାକୁଦ ଜଳଭଣ୍ଡାରର ଜଳ ଯୋଗାଣ ବିରୋଧରେ ଗତ ୨୦୦୭ ନଭେମ୍ବର ୧୧ ରେ ହୋଇଥିବା ଐତିହାସିକ ଆନ୍ଦୋଳନର ସ୍ମୃତି ସ୍ୱରୂପ ଏଠାରେ ନିର୍ମିତ ପାଚେରିକୁ ଚାଷୀର ରେଖା ନାମକରଣ କରାଯାଇଥିଲା। ଉକ୍ତ ଆନ୍ଦୋଳନର ସ୍ମୃତିରେ ପ୍ରତିବର୍ଷ ଭଳି ଆଜି ମଧ୍ୟ ଏଠାରେ ଆୟୋଜିତ ଚାଷୀ ସମାବେଶରେ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଏହାସହ ଦିଲ୍ଲୀ ସୀମାରେ ସଂଯୁକ୍ତ କିସାନ ମୋର୍ଚ୍ଚାର ଏକ ବର୍ଷ ଧରି ଆନ୍ଦୋଳନରେ ଚାଷୀଙ୍କ ସଫଳତାର ସ୍ମରଣେ ସମଗ୍ର ଦେଶରେ ସମ୍ପୃକ୍ତ ଜିଲାର ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପାଇଁ ହୋଇଥିବା ମୋର୍ଚ୍ଚାର ନିଷ୍ପତ୍ତିକୁ ସମର୍ଥନ କରି ସମ୍ବଲପୁର ଜିଲାରେ ମଧ୍ୟ ଚାଷୀମାନେ ପ୍ରତୀକାତ୍ମକ ଧାରଣା ଦେବାକୁ ନିଷ୍ପତ୍ତି ହୋଇଛି। ସଙ୍ଗଠନ ସମ୍ପାଦକ ଦେବେନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ସମାବେଶରେ ବର୍ତ୍ତମାନ ଧାନ ବିକ୍ରିରେ ଟୋକନର ଅବ୍ୟବସ୍ଥା, ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ ନଷ୍ଟ, ବୀମା ରାଶି, ଅଦିନିଆ ବର୍ଷା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଜନିତ ଫସଲହାନୀ ଓ ଫସଲ କ୍ଷୟକ୍ଷତିର ସଠିକ ଆକଳନ ନେଇ ଚାଷୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏଥିରେ ବହୁ ଚାଷୀ ନେତା ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ସେଗୁଡ଼ିକର ତୁରନ୍ତ ସମାଧାନ ଦାବି କରଥିଲେ। ସେହିପରି ଗତ ୨୦୦୭ ମସିହା ଆନ୍ଦୋଳନ ଓ ଗତ ବର୍ଷ ଭାରତୀୟ ସଂଯୁକ୍ତ କିସାନ ମୋର୍ଚ୍ଚା ଦୁର୍ବାର ଆନ୍ଦୋଳନ ପରେ ଉଭୟ କ୍ଷେତ୍ରରେ ସରକାରଙ୍କ ନିଷ୍ପତ୍ତି ସ୍ଥଗିତ ହୋଇଥିଲା। ଯାହାକୁ କୃଷକ ଏକତାର ସଫଳତା ବୋଲି କୁହାଯାଉଥିବାରୁ ପଶ୍ଚିମ ଓଡ଼ିଶାର ଚାଷୀ ସର୍ବଦା ଏକଜୁଟ ହେବାକୁ ସମାବେଶରେ ଆହ୍ୱାନ ଦିଆଯାଇଥିଲା। ଏପରିକି ଚାଷୀ ସଙ୍ଗଠନକୁ କିଭଳି ଅଧିକ ସଙ୍ଗଠିତ ଓ ଶକ୍ତିଶାଳୀ କରାଯିବ ସେ ଦିଗରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଚାଷୀ ସମାବେଶରେ ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ, ସମ୍ବଲପୁର ଜିଲା ଚାଷୀ ସୁରକ୍ଷା ସମିତ ସଭାପତି ଉମେଶ ମିଶ୍ର, ପଶ୍ଚିମ ଓଡ଼ିଶା ଚାଷୀ ସମନ୍ୱୟ ସମିତ ସଂଯୋଜକ ବ୍ୟମୋକେଶ ଠାକୁର, ଶିବ ପ୍ରଧାନ, ହରିହର ପୁରୋହିତ, ସରୋଜ, ପ୍ରିୟ ରଞ୍ଜନ ସାହୁ, ଶିବ ଶଙ୍କର ନନ୍ଦ ପ୍ରମୁଖଙ୍କ ସମେତ ବରଗଡ଼, ଝାରସୁଗୁଡ଼ା ଆଦି ଜିଲାର ଅନେକ ଚାଷୀ ନେତା ଓ ଚାଷୀ ଯୋଗ ଦେଇଥିଲେ।



ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସମନ୍ୱୟ ସମିତି ସମାବେଶରେ ସାମିଲ ଚାଷୀ ସମୂହ।

# 'ଗନ୍ଧମାର୍ଦ୍ଦନ ପାହାଡ଼ର ଇଞ୍ଚେ ବି କେହି ଧ୍ୱଂସ କରିପାରିବେନି'

**ବଲାଙ୍ଗୀର,୧୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)**

ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼ର ଗୋଟିଏ ଇଞ୍ଚ ବି କେହି ଧ୍ୱଂସ କରିପାରିବେ ନାହିଁ। ବଲାଙ୍ଗୀରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି ବରଗଡ ଲୋକ ସଭା ଏମ୍‌ପି ପ୍ରଦୀପ କୁମାର ପୁରୋହିତ। କିଛିଦିନ ହେଲା ଗନ୍ଧମାର୍ଦ୍ଦନ ପାହାଡରେ ସରକାର ଖଣି ଖନନ ମସୁଧା କରୁଥିବା ନେଇ ଆଲୋଚନା ଆରମ୍ଭ ହୋଇଥିଲା। ଏଭଳି ଖବର ପ୍ରକାଶ ପାଇବା ପରେ ବଲାଙ୍ଗୀର ଓ ବରଗଡ ଜିଲାରେ ଗନ୍ଧମାର୍ଦ୍ଦନର ଭବିଷ୍ୟତକୁ ନେଇ ସନ୍ଦେହ ଉପୁଜିଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ମଧ୍ୟ ପ୍ରକାଶ ପାଇଥିଲା। ତେବେ ଏଭଳି ଆଶଙ୍କାକୁ ଭିତ୍ତିହୀନ ବୋଲି ଏମ୍‌ପି ପୁରୋହିତ କହିଛନ୍ତି ।



କୋଶଳ ପ୍ରବାହ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ସଭାମଞ୍ଚରେ ଆୟୋଜିତ କୋଶଳ ପ୍ରବାହର ୨୪ତମ ବାର୍ଷିକ ଉତ୍ସବରେ ଏମ୍‌ପି ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କୋଶଳ ପ୍ରବାହର ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭା ଏମପି ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ବଲାଙ୍ଗୀର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ଓ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ବ୍ୟବସ୍ଥାପକ ପ୍ରସନ୍ନ କୁମାର ଗିରି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ରାଜୀବ ଲୋଚନ ଆଚାର୍ଯ୍ୟ ସଂଯୋଜନା କରିଥିଲେ। ରାଜେଶ କୁମାର ଦଣ୍ଡସେନା ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସଫଳ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପ୍ରସନ୍ନ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ସୁମିତ


@ ବିଜୟ


@ ରୁଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଶ୍ରୁର ଜିଲାସ୍ତରୀୟ ବାର୍ଷିକ ସମ୍ମିଳନୀ



ଓଶ୍ରୁର ଜିଲାସ୍ତରୀୟ ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ ୟୁନିୟନ୍।

**ବଲାଙ୍ଗୀର,୧୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)**

## ବାପୁନି ସାହୁ ଜିଲା ସମ୍ପାଦକ, ବିକାଶ ପାତ୍ର ହେଲେ ସଭାପତି

ଓଡିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନ୍ (ଓଶ୍ରୁ)ର ବଲାଙ୍ଗୀର ଜିଲାସ୍ତରୀୟ ବାର୍ଷିକ ସମ୍ମିଳନୀ ରବିବାର ସ୍ଥାନୀୟ ଏଡିଫିସ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ସମ୍ମିଳନୀରେ ପ୍ରଥମେ ସଙ୍ଗଠନର ବାର୍ଷିକ କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ବାର୍ଷିକ ଆୟବ୍ୟୟର ହିସାବ ଉପସ୍ଥାପନା କରାଯାଇ ଗୃହୀତ କରାଯାଇଥିଲା। ଏହି ସମ୍ମିଳନୀକୁ ଜିଲା ସଭାପତି ସିଦ୍ଧାର୍ଥ ମିଶ୍ର, ଜିଲା ଉପସଭାପତି ମନୋଜ ପଶାୟତ, ରାଜ୍ୟ ଉପସଭାପତି ଅନିରୁଦ୍ଧ ମହାପାତ୍ର ପରିଚାଳନା କରିଥିଲେ। ଜିଲା ସମ୍ପାଦକ ବାପୁନି କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଜିଲା କୋଷାଧ୍ୟକ୍ଷ ସତ୍ୟ ନାରାୟଣ ରଥ ଆୟବ୍ୟୟର ହିସାବ ରଖିଥିଲେ। ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ଭାସ୍କର ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ଓଶ୍ରୁ ରାଜ୍ୟ ସଭାପତି ମହେନ୍ଦ୍ର ସାହୁ ଓ ରାଜ୍ୟ ସମ୍ପାଦକୀୟ ମଣ୍ଡଳୀ ସଦସ୍ୟ ପ୍ରତ୍ୟୁଷ ମିଶ୍ର ଯୋଗଦେଇ ଏହି ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଶ୍ରମିକ ମାରଣ ନୀତି ଉପରେ ଆଲୋକପାତ କରିଥିଲେ। ମେଡିକାଲ ରିପ୍ରେଜେଣ୍ଟେଟିଭମାନେ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଦୈନନ୍ଦିନ ଅସୁବିଧା ଉପରେ ଆଲୋଚନା କରାଯାଇଥିଲା। ଏହାପରେ ସମ୍ମିଳନୀରେ ଆଗାମୀ ବର୍ଷ ପାଇଁ ନୂତନ ଜିଲା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ବିକାଶ ପାତ୍ର, ଉପସଭାପତି ଭାବେ ମନୋଜ ପଶାୟତ, ଜିଲା ସମ୍ପାଦକ ବାପୁନୀ କୁମାର ସାହୁ, କୋଷାଧ୍ୟକ୍ଷ ଭାବେ ସତ୍ୟନାରାୟଣ ରଥ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁରୁଲାଲ ମଟାରୀ, ସତାବନ ସାହୁ, ଭାରତ ଶତପଥୀ, ରଘୁନାଥ ନାୟକ, ସୁଶାନ୍ତ ମିଶ୍ର, ସୁନୀଲ କୁମାର ପଣ୍ଡା, ଗିରିଶ ମିଶ୍ର, ଆକାଶ ମିଶ୍ର, ସୁଧାଂଶୁ ଶେଖର ଦାସ, ଅମରନାଥ ପଲେଇ ଓ ଲୋପନ ମିଶ୍ର ସର୍ବସମ୍ମତିକ୍ରମେ ନିର୍ବାଚିତ ହେଇଥିଲେ।

# ଜେଆଇଟିଏମ୍‌ରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ

**ବଲାଙ୍ଗୀର,୧୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସେଞ୍ଚୁରିଆନ (ଜେଆଇଟିଏମ୍) ସ୍କୁଲ କର୍ତ୍ତୃପକ୍ଷ ସୋମବାର ସ୍କୁଲ କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କ ପାଇଁ ବିଜ୍ଞାନ କଳା ପ୍ରଦର୍ଶନୀ ଆୟୋଜନ କରିଥିଲେ। ଏଥିରେ ୧୬୦ରୁ ଅଧିକ ଛାତ୍ରୀଛାତ୍ର ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପମାନ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ପ୍ରଦୀପ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ତମାଳ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜେଆଇଟିଏମ ବିଜ୍ଞାନ ଅଧ୍ୟକ୍ଷ ଡ. ଅନଙ୍ଗ ଉଦୟ ନାଏକ ଏବଂ ଉପାଧ୍ୟକ୍ଷା ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉଚିତ୍ ମାର୍ଗଦର୍ଶନ କରିଥିଲେ। ମୁଖ୍ୟ କାର୍ଯ୍ୟକ୍ରମ ସଞ୍ଚାଳିକା ଭାବେ ବିଦ୍ୟାଳୟ ଉପାଧ୍ୟକ୍ଷା ଡ. ପୂର୍ଣ୍ଣତୋୟା ବିଶ୍ୱାଳ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ବିଚାରକ ଭାବରେ ସେଞ୍ଚୁରିଆନ ବିଦ୍ୟାଳୟର ଅଧ୍ୟାପକ ସ୍ୱର୍ଣ୍ଣଜିତ ତ୍ରିପାଠୀ, ପ୍ରତିମା ମିଶ୍ର, ଡ. ବିଶ୍ୱଜିତ ଆଚାର୍ଯ୍ୟ, ଡ. ଆଶିଷ ଷଡ଼ଙ୍ଗୀ, ଡ. ରୋଜା ସାହୁ, ଡ. ଶାନ୍ତନୁ ଭଟ୍ଟାଚାର୍ଯ୍ୟ, ଡ. ନିଳୟ କୁମାର ମହାନ୍ତି, ଡ. ପ୍ରତିଭା ଦୀପ ଉପସ୍ଥିତ ଥିଲେ। ବୈଜ୍ଞାନିକ ମନୋବୃତ୍ତି ସମ୍ପନ୍ନ ହେବା ଏବଂ କଳା ପାଇଁ ସବୁବେଳେ ଅନୁସନ୍ଧିତ୍ସୁ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରଦର୍ଶନୀର କୃତି ପ୍ରତିଯୋଗୀଙ୍କ ନାମ ଆଗାମୀ ବାର୍ଷିକ ଉତ୍ସବରେ ଘୋଷଣା କରାଯିବ ବୋଲି କୁହାଯାଇଛି। ଉତ୍ସବରେ ବିଦ୍ୟାଳୟର ମ୍ୟୁଜିକାଲ ବ୍ୟାଣ୍ଡ ୟସ୍କ ଗ୍ରୁପ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ଜେଆଇଟିଏମ୍ ସ୍କୁଲ ପରିସରରେ ବିଜ୍ଞାନ କଳା ପ୍ରଦର୍ଶନୀକୁ ଆଞ୍ଚଳିକ ନିର୍ଦ୍ଦେଶକ ଉଦ୍‌ଘାଟନ କରୁଛନ୍ତି।

# ଖପ୍ରାଖୋଲରେ ଜଳ ମିତ୍ର ତାଲିମ ଶିବିର

**ଖପ୍ରାଖୋଲ,୧୧।୧୧(ଅଭୟ ତ୍ରିପାଠୀ)**

ସ୍ଥାନୀୟ ବ୍ଲକ ସଭାଗୃହଠାରେ ବ୍ଲକ ପ୍ରଶାସନ ତରଫରୁ ଜଳ ଓ ମୃତ୍ତିକା ପରିଚାଳନା ଅନୁଷ୍ଠାନ ସହାୟତାରେ ୨ଦିନିଆ ଜଳ ମିତ୍ର ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିରରେ ଏପିଓ ପ୍ରଶାନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଅଜିତ କୁମାର ନାଏକ ଯୋଗଦେଇ ତାଲିମ ଶିବିର ଉଦଘାଟନ କରିଥିଲେ। ତାଲିମଦାତା ଭାବେ ଅଭୟ ତ୍ରିପାଠୀ, ଜ୍ୟୋସ୍ନାମୟୀ ନନ୍ଦ ଯୋଗଦେଇ ଜଳ ମିତ୍ରଙ୍କ ଆବଶ୍ୟକତା, ଜଳ ସମସ୍ୟା ଓ ତାର ସମାଧାନ, ଭୂଗର୍ଭ ଜଳ ସ୍ତର ବୃଦ୍ଧି, ଜଳ ଅମଳ, ଜଳର ଗୁଣବତ୍ତା ପରୀକ୍ଷା, ଫସଲ ଜଳ ଆକଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଶିବିରରେ ୩୦ଟି ବ୍ଲକ ଓ କ୍ଷୁଦ୍ର ଜଳସେଚନ ବିଭାଗର ଜଳାଶୟର ଜଳ ମିତ୍ର ଯୋଗ ଦେଇଥିଲେ।

# ହତ୍ୟାକାରୀଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

**ବେଲପଡା,୧୧।୧୧ (ମନୋଜ କୁମାର ମିଶ୍ର)**

ଗତ ଅକ୍ଟୋବର ୧୭ ତାରିଖ ଦିନ ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ରାମୁଡ଼-ଭାଲୁଖାଇ ଡଙ୍ଗରବୁଢା ପାହାଡ଼ରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଥିଲା । ମୃତ ଯୁବକ ଜଣକ ସଲଣ୍ଡି ଗାଁର ଦୈତାରୀ ବେହେରାଙ୍କ ପୁଅ ଜ୍ଞାନ ପ୍ରକାଶ ବେହେରା ବୋଲି ଜଣାପଡିଥିଲା । ପୋଲିସ ଏହାକୁ ଆତ୍ମହତ୍ୟା ବୋଲି କହୁଥିବା ବେଳେ ମୃତକଙ୍କ ପରିବାର ଲୋକେ ଏହା ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ଘଟଣାକୁ ମାସେ ବିତିବାକୁ ବସିଥିବା ବେଳେ ପୋଲିସ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଯଥାଶୀଘ୍ର ହତ୍ୟାକାରୀଙ୍କୁ ଗିରଫ ଦାବିରେ ସୋମବାର ଗ୍ରାମବାସୀ ଓ ମୃତକଙ୍କ ପରିବାର ପକ୍ଷରୁ ବଲାଙ୍ଗୀର-କଣ୍ଟାବାଞ୍ଜି ମୁଖ୍ୟରାସ୍ତାର ସଲଣ୍ଡି ବସଷ୍ଟାଣ୍ଡ ଠାରେ ରାସ୍ତାରୋକୋ କରାଯାଇଥିଲା । ଖବର ପାଇ ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ବେଲପଡା ଥାନା ଏସଆଇ ଅନନ୍ତ ପ୍ରଧାନ, ପାଟଣାଗଡ଼ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । କିନ୍ତୁ ଗ୍ରାମବାସୀ ଓ ମୃତକଙ୍କ ପରିବାର ଲୋକେ ଜିଲା ଆରକ୍ଷୀ ଅଧୀକ୍ଷକ ଆସିଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବ ବୋଲି ଅଡ଼ି ବସିଥିଲେ । ଫଳରେ ବଲାଙ୍ଗୀର ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢ଼ୀ ଅପରାହ୍ନ ସାଢେ ୪ଟାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ନିରପେକ୍ଷ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ରାସ୍ତାରୋକୋ ଯୋଗୁ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା ।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୧୫ ତାରିଖରେ ଜ୍ଞାନ ପ୍ରକାଶ ଘରୁ ନିଖୋଜ ହେବା ପରେ ପରିବାର ଲୋକେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଏହାର ଦୁଇଦିନ ପରେ ୧୭ ତାରିଖ ଦିନ ପୋଲିସ ଉକ୍ତ ପାହାଡରୁ ମୃତଦେହ ଜବତ କରିଥିଲା । ଘଟଣାସ୍ଥଳରେ ମଦ ବୋତଲ, ଥଣ୍ଡା ବୋତଲ , ଚପଲ, ଦୁଇଟି ପ୍ଲାଷ୍ଟିକ ଗ୍ଲାସ୍ ପଡିଥିବା ବେଳେ ଏକ ରଶି ଗଛରେ ଲାଗିଥିଲା । ଯୁବକଙ୍କ ମୃତଦେହ ମୁହଁମାଡିକି ପଥରରେ ପଡିଥିଲା । ପରିବାର ଲୋକେ ଜ୍ଞାନ ପ୍ରକାଶଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ।



ସଲଣ୍ଡି ବସ୍‌ଷ୍ଟାଣ୍ଡଠାରେ ଗ୍ରାମବାସୀଙ୍କ ରାସ୍ତାରୋକୋ।

# ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ଦେଓଗାଁ ବ୍ଲକ ବଡ଼ବାହାଲ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀର ଉଦ୍‌ଯାପନୀ ସମାରୋହ।

**ଦେଓଗାଁ,୧୧।୧୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

## ୧୬୨ ପ୍ରକଳ୍ପ ମଧ୍ୟରୁ ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବାହାଲ ହାଇସ୍କୁଲରେ ସୋମବାର ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ବିଜ୍ଞାନ କମିଟିର ଆବାହକ ଅମ୍ବରିଶ ଭୋଇଙ୍କ ଆବାହକତ୍ୱରେ ତଥା ବ୍ଲକ ଶିକ୍ଷାଧିକାରୀ ମମତା ମହାଡିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଦର୍ଶନୀର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅର୍ଜୁନପୁର ପ୍ରାଥମିକ ଚିକିତ୍ସାଳୟର ଡା. ଚିନ୍ମୟ କୁମାର ପାଢ଼ୀ ଯୋଗଦେଇ ବିଜ୍ଞାନ ପ୍ରଦର୍ଶନୀ ଆୟୋଜନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ଭିତରେ ରହିଥିବା ଦକ୍ଷତାକୁ ପ୍ରତିପାଦିତ କରିବା ପାଇଁ ପ୍ରଦର୍ଶନୀ ଆୟୋଜନ ଜରୁରୀ ବୋଲି ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଅଜିତ କୁମାର ମିଶ୍ର, କବିରାଜ ମାଝୀ, ଦାଶରଥି ଥନାପତି, ବଡବାହାଲ ସରପଞ୍ଚ ଜୋସ୍ନାମୟୀ ରଣା, ସମିତି ସଭ୍ୟ ସିତାଂଶୁ ମିଶ୍ର, ପରିଚାଳନା କମିଟି ସଭାପତି ବିଜୟ କୁମାର ରଣା ଯୋଗଦେଇଥିଲେ। ପ୍ରଦର୍ଶନୀରେ ୨୮ଟି ହାଇସ୍କୁଲ ଓ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋଟ ୧୬୨ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ କୁତୁର୍ଲା ସୁରଧନୁ ହାଇସ୍କୁଲର ସାଗର ରଣା, ରାମଚନ୍ଦ୍ରପୁରର ରୀନା ଧରୁଆ, ସିକୁଆଁର ପ୍ରତିଜ୍ଞା ସେଠ, ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟର ଶୁଭଦୀପ ସାହୁ, ଅନନ୍ୟା ରାଣୀ ସାହୁ, ଦେଓଗାଁ ହାଇସ୍କୁଲର ଧରିତ୍ରୀ ରଣା, ବଗଡା ଇନ୍ଦିରାଗାନ୍ଧୀ ହାଇସ୍କୁଲର ଇମରାଜ ଭୋଇଙ୍କ ପ୍ରକଳ୍ପକୁ ଜିଲ୍ଲା ସ୍ତରକୁ ମନୋନୀତ କରାଯାଇଥିଲା। ବିଚାରକ ଭାବେ ଜଗଦୀଶ ମିଶ୍ର, ସୌମ୍ୟ ରଞ୍ଜନ ମହାନ୍ତି, ସୁଶାନ୍ତ ମହାନ୍ତି, ହୃଷୀକେଶ ମେହେର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଶାନ୍ତ ପଣ୍ଡା, ରାଜ କିଶୋର ଦାସ, ଦିଲିପ ସାହୁ, ବିଭୂତି ଭୂଷଣ ବେହେର, ଚନ୍ଦ୍ର ପୁରୋହିତ, ଶୁଶିଳ କୁମାର ପ୍ରଧାନ, ପ୍ରମୋଦ ମହାପାତ୍ର, ସୁବ୍ରତ ବାବୁ ତଥା ବଡବାହାଲ ହାଇସ୍କୁଲର ଶିକ୍ଷକ ବୃନ୍ଦ ସହଯୋଗ କରିଥିଲେ। ଶଶିକାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳିତ ଉଦ୍ୟମ ହେଲେ ସହର ହେବ ସ୍ୱଚ୍ଛ, ସୁନ୍ଦର

**ବଲାଙ୍ଗୀର,୧୧।୧୧ (ବୀରେନ୍ଦ୍ର କୁମାର ଝାଙ୍କର)**

## ସବୁଜ ଓ ସ୍ୱଚ୍ଛ ବଲାଙ୍ଗୀର: ଆମ ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ର

ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟିକ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ରଚନା ପକ୍ଷରୁ ଆୟୋଜିତ ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ ସବୁଜ ଓ ସ୍ୱଚ୍ଛ ବଲାଙ୍ଗୀର: ଆମର ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପିପି ଏକାଡେମୀ ସଭାଗୃହରେ ଅନୁଷ୍ଠାନ ସଭାପତି ସନାତନ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ବକ୍ତା ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ପରିବେଶ କର୍ମୀ ସୁଶୋଭିତା ଗୁରୁ, ଆଇନଜୀବୀ ଶୁଭ୍ରାଂଶୁ ଶେଖର ପଣ୍ଡା ,ଚାଷୀନେତା ଓ ପରିବେଶ କର୍ମୀ ଅରୁଣ ମିଶ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ ରଚନା ସମ୍ପାଦକ ଭାଗୀରଥି ମିଶ୍ର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚିକା ଗୁରୁ ତାଙ୍କ ବକ୍ତବ୍ୟରେ ପ୍ରଶ୍ନ ଛଳରେ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା କାହାର ଦାୟିତ୍ୱ ବୋଲି ପଚାରିଥିଲେ। ସେ କହିଥିଲେ ଯେ, ନିଜ ସହରକୁ ନିଜେ ହିଁ ଆମେ ସଫା ଓ ସୁନ୍ଦର ରଖିପାରିବା। ଆଲୋଚକ ଆଡଭୋକେଟ୍ ପଣ୍ଡା ପରିବେଶ ପ୍ରଦୂଷଣର ଆଇନଗତ ଓ ସ୍ୱାସ୍ଥ୍ୟଗତ ଦିଗ ଉପରେ କହିଥିଲେ। ପୌରାଧ୍ୟକ୍ଷା ସାହୁ ସଫେଇ ଦିଗର ସୀମିତ କର୍ମଚାରୀର ଅସୁବିଧା ସମ୍ପର୍କରେ କହିବା ସହ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ହେଲେ ସମସ୍ତ ଜନସାଧାରଣଙ୍କ ସହଯୋଗ ଓ ସଚେତନତା ଆବଶ୍ୟକ ବୋଲି କହିଥିଲେ। ଚାଷୀନେତା ଓ ପରିବେଶ କର୍ମୀ ଅରୁଣ ମିଶ୍ର ତାଙ୍କ ବକ୍ତବ୍ୟରେ ବଲାଙ୍ଗୀରକୁ ଭଲ ପାଇବାର ଅର୍ଥ ସ୍ୱଚ୍ଛ ଓ ସୁନ୍ଦର ରଖିବା ହିଁ ବୋଲି କହିଥିଲେ। ପ୍ରଶାସନ ଓ ଜନସାଧାରଣ ମିଳିତ ଭାବେ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିପାରିବେ ବୋଲି କହିଥିଲେ। ଆଲୋଚନା ପରେ ଅନୁଷ୍ଠିତ ମତ ବିନିମୟ କାର୍ଯ୍ୟକ୍ରମରେ ମନୋରଞ୍ଜନ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅମ୍ବରୀଶ ସରାଫ, ରଶ୍ମି ପାତ୍ର, ସସ୍ମିତା ନେପାକ ଓ ଜଗନ୍ନାଥ ସାହୁ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ରଚନା ସହ ସମ୍ପାଦକ ରନ୍ମୟ ତ୍ରିପାଠୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ସମାଜସେବୀ ଓ ସଚେତନ ନାଗରିକ ଉପସ୍ଥିତ ଥିଲେ।



ରଚନା ମାସିକ ସନ୍ଧ୍ୟାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ଆଲୋଚକ।

## ସଂକ୍ଷେପରେ

### କେନ୍ଦୁପତ୍ର ଶ୍ରମିକଙ୍କୁ ସହାୟତା ପ୍ରଦାନ



**ପାଇକମାଲ,୧୧।୧୧(ବଡ଼ ଶତପଥୀ):** ବରଗଡ଼ ଜିଲା ପାଇକମାଲ ବ୍ଲକ ନୃସିଂହନାଥ କେନ୍ଦୁପତ୍ର କେନ୍ଦ୍ରୀୟ ଗୋଦାମ ପରିସରରେ ସୋମବାର କେନ୍ଦୁପତ୍ର କର୍ମଚାରୀ ସଂଘ ତରଫରୁ ଏକ ବୈଠକ ଡିଭିଜନ ସମ୍ପାଦକ କୋକିଳ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଏମ୍ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପଦ୍ମପୁର କେନ୍ଦୁପତ୍ର ବନଖଣ୍ଡ କଲ୍ୟାଣ ଟ୍ରଷ୍ଟ ପାଣ୍ଠିରୁ ୬୨ ଜଣ ସାମୟିକ କର୍ମଚାରୀ ତୋଳାଳି ଓ ବନ୍ଧେଇ ଶ୍ରମିକଙ୍କୁ ୨ଲକ୍ଷ ଟଙ୍କା ଲେଖାଏଁ ମୃତ୍ୟୁକାଳୀନ ସହାୟତା ରାଶିର ଚେକ୍‌ବଣ୍ଟନ କରିଥିଲେ। ରେଞ୍ଜର ଗୋପାଳ ଚନ୍ଦ୍ର ସାଏ, ରୂପେଶ କୁମାର ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ରେଞ୍ଜର ନିହାର ରଞ୍ଜନ ସୁତାର ଧନ୍ୟବାଦ ଅର୍ପଣ କରିଥିଲେ।

### ସୋହେଲା କଲେଜରେ ଜାତୀୟ ଶିକ୍ଷା ଦିବସ ପାଳିତ

**ସୋହେଲା, ୧୧।୧୧(ଅଶ୍ୱିନୀ କୁମାର ପାତ୍ର):** ସୋହେଲା କଲେଜରେ ସୋମବାର ଜାତୀୟ ଶିକ୍ଷା ଦିବସ ଅବସରରେ ଅଧ୍ୟକ୍ଷ ଡକ୍ଟର ରବୀନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଭାରତର ପ୍ରଥମ ଶିକ୍ଷା ମନ୍ତ୍ରୀ ମୌଲାନା ଅବୁଲ କାଲାମ ଆଜାଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ଶିକ୍ଷା ବିଭାଗର ମୁଖ୍ୟ ତଥା ପ୍ରାଧ୍ୟାପକ ଡକ୍ଟର ରମେଶ ଚନ୍ଦ୍ର ସୂପକାର ଜାତୀୟ ଶିକ୍ଷା ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଡ. ରବୀନ୍ଦ୍ର କୁମାର ମିଶ୍ର ଓ ଅଧ୍ୟାପିକା ଜୟଶ୍ରୀ ସାହୁ ମୌଲାନା ଅବୁଲ କାଲାମଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ଡକ୍ଟର ସୁନୀତି ଦାଶ ଓ ଅଧ୍ୟାପକ ସୁରେନ୍ଦ୍ର କୁମାର ସାହୁ ସମ୍ମାନ ଉପସ୍ଥାପନ କରିଥିଲେ। କଲେଜର ଅନ୍ତିମ ବର୍ଷ ଛାତ୍ରୀଛାତ୍ର ଆଦର୍ଶ ସାହୁ, ବବିତା ପ୍ରଧାନ, କେତସ୍ମିତା ସାହୁ ଏବଂ ରଶ୍ମିରେଖା ପ୍ରଧାନ ନିଜ ସମ୍ମାନ ପଢିଥିଲେ। ଅଧ୍ୟାପକ ସୁରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଚର ଜମିରେ ବଡ଼ବଡ଼ିଆଙ୍କ ଆଖି

**ବରଗଡ଼,୧୧।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଜମି କେଳେଙ୍କାରୀକୁ ନେଇ ଚର୍ଚ୍ଚା ଥମିବା ନାଁ ନେଉନାହିଁ। ଜିଲାରେ ଜମି କିଣାବିକା ନେଇ ଦୀର୍ଘଦିନରୁ ମହାଦୁର୍ନୀତି ଚାଲି ଆସିଥିବା ଅଭିଯୋଗ ହେଉଛି। କେତେବେଳେ ଜମି କିସମ ବଦଳାଇ ତାକୁ ମାଫିଆମାନେ ବିକ୍ରି କରୁଛନ୍ତି ତ ଆଉ କେବେ ବିଭାଗୀୟ ଅଧିକାରୀଙ୍କ ଦସ୍ତଖତ ଜାଲିଆତି କରି ଜମି ବିକ୍ରି ହେଉଛି। ସେହିପରି ଜମି ମାଫିଆମାନେ ଚଞ୍ଚକତା କରି ଜମି ବିକ୍ରେତାଙ୍କଠାରୁ ବିକ୍ରି ହୋଇଥିବା ଜମିଠାରୁ ଅଧିକ ହାତେଇ ନେଉଥିବାବେଳେ ଗୋଚର ତଥା ସରକାରୀ ଜମିକୁ ମଧ୍ୟ ପ୍ଲଟିଂ କରି ବିକ୍ରି କରୁଥିବା ଅଭିଯୋଗ ହୋଇଆସୁଛି। ଏଭଳି ଜମି ବିବାଦକୁ ନେଇ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ଜମି କେଳେଙ୍କାରୀରେ କିଛି ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ଭୂମିକାକୁ ନେଇ ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଜମିବିକ୍ରି ଜାଲିଆତିରେ ଗତ କିଛିଦିନ ତଳେ ଜଣେ ଜମି ମାଲିକଙ୍କ ସମେତ ବରଗଡ଼ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟର ୨କର୍ମଚାରୀ ଗିରଫ ହେବା ଏବଂ ଚାଷ ହୋଇଥିବା ଧାନ ଫସଲରେ ରାତାରାତି ମାଟି ପୋତି ଅନ୍ୟ ଜଣେ ଗିରଫ ହେବା ଘଟଣାରୁ ଜିଲାରେ ଚାଲିଥିବା ଜମି କେଳେଙ୍କାରୀ ସ୍ପଷ୍ଟ ହୋଇଛି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ବାପଝିଅ।

- **ଗରିବଙ୍କଠାରୁ ଛଡ଼ାଇ ନେବାକୁ ଉଦ୍ୟମ**
- **ଜିଲାପାଳଙ୍କୁ ଫେରାଦ ହେଲେ ବାପଝିଅ**

ଅନ୍ୟପଟେ ଗୋଚର ଜମିକୁ ଗରିବ ଲୋକେ ଦଖଲ କରି ପରିବାର ଗୁଜୁରାଣ ମେଣ୍ଟାଉ ଥିବାବେଳେ ସେଥିପ୍ରତି ବଡ଼ବଡ଼ିଆମାନେ ଆଖି ପକାଇ ଅତ୍ୟାଚାର କରୁଛନ୍ତି। ସୋମବାର ସେଭଳି ଏକ ଅଭିଯୋଗ ସାମ୍ନାକୁ ଆସିଛି। ବରଗଡ଼ ଜିଲା ବିଜେପୁର ବ୍ଲକ ଭଟିଗାଁ ପଞ୍ଚାୟତ ଭାଟିବାହାଲି ଗ୍ରାମର ଜରେ ମହିଳା ଡିଲେଶ୍ୱରୀ ସାହୁ ତାଙ୍କ ବାପା ବୁଧୁଙ୍କ ସହିତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅନୁରୂପ ଅଭିଯୋଗ ଆଣିଛନ୍ତି। ଏ ନେଇ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ସେମାନେ ଭାଟିବାହାଲି ଗ୍ରାମର ୩ଏକର ୫୫ଡେସିମିଲ ସରକାରୀ ଗୋଚର ଜମିକୁ ଚାଷୋପଯୋଗୀ କରି ସେଥିରେ ଧାନ ଏବଂ ପରିବା ଚାଷ କରି ଆସୁଥିଲେ। ଜମି ହିଡ଼ରେ ସେମାନେ ନାନା କିସମର ବୃକ୍ଷରୋପଣ ମଧ୍ୟ କରିଛନ୍ତି। ଏପରିକି ଚାଷ ପାଇଁ ଜଳାଶୟ ମଧ୍ୟ ଖୋଳିଛନ୍ତି। ଏହାସହିତ ରାଜସ୍ୱ ବିଭାଗଠାରେ ଆବଶ୍ୟକ ଖଜଣା ସେମାନେ ଦେଇ ଆସୁଛନ୍ତି। କିନ୍ତୁ ଅନ୍ୟ ୨ଜଣ ପ୍ରତିପତ୍ତିଶାଳୀ ଲୋକ ସେହି ଜମି ଉପରେ ଦୃଷ୍ଟି ପକାଇଛନ୍ତି ବୋଲି ବାପଝିଅ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଲୋକେ ଜମିହିଡ଼ରେ ରହିଥିବା ଗଛଗୁଡ଼ିକୁ କାଟି ନେଇଥିବାବେଳେ ନାନା ଧମକଚମକ ଦେଇ ତାଙ୍କ ଚାଷବାସରେ ବାଧା ସୃଷ୍ଟି କରି ଆସୁଥିବା ଡିଲେଶ୍ୱରୀ କହିଛନ୍ତି। କେତେବେଳେ ସେମାନେ ଚାଷ କରିଥିବା ଧାନ ଫସଲ ଜୋର୍ ଜବରଦସ୍ତ କାଟି ନେଇ ଯାଉଛନ୍ତି ତ ଆଉକେବେ ପରିବା ଚାଷ କରାଇ ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କର ସ୍ୱଳ୍ପ ଜମି ଥିବା ଯୋଗୁ ସେହି ଗୋଚର ଜମିକୁ ଚାଷୋପଯୋଗୀ କରିବା ସହିତ ସେଥିରେ ଚାଷବାସ କରୁଛନ୍ତି ଏବଂ ସେଥିରୁ ପରିବାର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। କିନ୍ତୁ ସମ୍ପୃକ୍ତ ୨ ଜଣ ଲୋକ ସବୁବେଳେ ବାଧା ସୃଷ୍ଟି କରି ଆସୁଥିବା ଯୋଗୁ ସେମାନେ ବହୁ ହଇରାଣ ହେଉଥିବା ଡିଲେଶ୍ୱରୀ କହିଛନ୍ତି। ତେବେ ଏ ନେଇ ସ୍ଥାନୀୟ ପୋଲିସ ଏବଂ ବିଡ଼ିଓଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ସପରିବାର ଜିଲାପାଳଙ୍କ ଅଫିସ ଆଗରେ ଅନଶନ କରିବେ ବୋଲି ଡିଲେଶ୍ୱରୀ ଚେତାବନୀ ଦେଇଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ସୁମିତ



@ ବିଜୟ



@ ରୁଦ୍ର ପ୍ରସାଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି



ଜନଶୁଣାଣିରେ ଉପସ୍ଥିତ ବିଭାଗୀୟ ଅଧିକାରୀ।

**ସୋହେଲା, ୧୧।୧୧(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ମୀନାଙ୍କ ସମେତ ବରଗଡ଼ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ପଦ୍ମପୁର ଉପଜିଲାପାଳ ସ୍ନେହା ଅରୁଗୁଲା, ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚୌହାନ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନିରୁପମା ଷଡଙ୍ଗୀ ଏବଂ ବ୍ଲକ ଅଧକ୍ଷା ବବି ପ୍ରଧାନ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟ, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ ଆଦି ସମସ୍ୟା ଆଧାରିତ ସମୁଦାୟ ୫୭ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ, ୧୧ଟି ସାମୂହିକ ଏବଂ ୨ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସମ୍ପର୍କିତ ଅଭିଯୋଗ ରହିଥିଲା। ସମସ୍ତ ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ନିର୍ମାଣାଧୀନ ଘର ଉପରୁ ପଡ଼ି ଯୁବକ ମୃତ

**ବରପାଲି,୧୦।୧୧(ଚିତ୍ତରଞ୍ଜନ ସାହୁ):** ବରପାଲି ବ୍ଲକ ଅନ୍ତର୍ଗତ ସୁଜିଆ ଗ୍ରାମରେ ଏକ ନିର୍ମାଣାଧୀନ ଘର ଉପରୁ ପଡ଼ିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁରେନ୍ ବାଗ(୩୫)। ସୂଚନା ଅନୁସାରେ, ସୁରେନ୍‌ଙ୍କୁ ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହ ମିଳିଥିଲା। ସେ ବହୁ କଷ୍ଟରେ ଉକ୍ତ ଘର ନିର୍ମାଣ କରୁଥିଲେ। ଘର ଛାତ ପର୍ଯ୍ୟନ୍ତ ନିର୍ମାଣ ସରିଥିଲା। ବିମ୍ ପକାଯାଇଥିବା ବେଳେ କଡି ଗୁଡ଼ିକ ଚଢ଼ାଯାଉଥିଲା। ସୋମବାର ସକାଳ ସମୟରେ ସୁରେନ ଘର ଉପରେ ଚଢ଼ି ପାଣି ଦେଉଥିବା ସମୟରେ ଛାତ ଉପରେ ଥିବା ବିମ୍‌ଟି ଖୋଲିଯିବାରୁ ତଳେ ପଡି ଯାଇଥିଲେ ଓ ତାଙ୍କ ଉପରେ ବିମ୍ ପଡ଼ିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବରପାଲି ଡାକ୍ତରଖାନା ଏବଂ ପରେ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସ୍ଥଗିତ ରହିଲା ଅନାସ୍ଥା ଭୋଟ



ସରପଞ୍ଚ ସଂଘର କର୍ମକର୍ତ୍ତା ଗାଇସିଲେଟ୍ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଗାଇସିଲେଟ୍,୧୧।୧୧(ଦୁର୍ଗାପ୍ରସାଦ ତ୍ରିବେଦୀ)**

**ସରପଞ୍ଚଙ୍କ ବିଷ ପିଇବା ଘଟଣା**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ତାଲପାଲି ପଞ୍ଚାୟତର ସରପଞ୍ଚ ଉର୍ମିଳା ସେଠ ରବିବାର କୀଟନାଶକ ପିଇବା ପରେ ତାଙ୍କ ବିରୋଧରେ ଆସିଥିବା ଅନାସ୍ଥା ଭୋଟ୍ ଭିନ୍ନ ମୋଡ଼ ନେଇଛି। ମଙ୍ଗଳବାର ତାଲପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଅନାସ୍ଥା ଭୋଟ୍ ହେବାର ଥିଲା। ତେବେ ଏହି ଅନାସ୍ଥା ଭୋଟ୍‌କୁ ସ୍ଥଗିତ ରଖାଯାଇଛି ବୋଲି ଗାଇସିଲେଟ୍ ବିଡ଼ିଓ ଲକ୍ଷ୍ମଣ ମାଝୀ ସୂଚନା ଦେଇଛନ୍ତି। ଅନ୍ୟପଟେ ସରପଞ୍ଚ ସେଠ୍ ଭୀମସାର୍ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ପ୍ରକାଥାଉକି, ତାଲପାଲି ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ ସରପଞ୍ଚ ସେଠଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ମଙ୍ଗଳବାର ତାଲପାଲି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ନେଇ ଭୋଟ୍ ଗ୍ରହଣ ରହିଥିବାବେଳେ ରବିବାର ସରପଞ୍ଚ ସେଠ ତାଲପାଲି ଗ୍ରାମକୁ ଯାଇ ଗାଁ ଦାଣ୍ଡରେ କୀଟନାଶକ ପିଇ ଦେଇଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ଏବଂ ପରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ ସୋମବାର ଗାଇସିଲେଟ ସରପଞ୍ଚ ସଂଘ ବିଡ଼ିଓ ମାଝୀଙ୍କୁ ଭେଟି ଅନାସ୍ଥା ଭୋଟ୍ ସ୍ଥଗିତ ରଖିବାକୁ ଦାବି କରିଥିଲେ। ସଂଘ ସଭାପତି ଅର୍ପିତା ପଣ୍ଡା, ସମ୍ପାଦକ ରାମଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଥିଲେ। ତାଲପାଲି ସରପଞ୍ଚଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରି ଅନାସ୍ଥା ଭୋଟ୍‌କୁ ସ୍ଥଗିତ ରଖିବା ଏବଂ ଏହାର ତଦନ୍ତ କରି ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ସେମାନେ ଦାବି ଜଣାଇଥିଲେ।

### ଜିଲାସ୍ତରୀୟ ଯୁବ ରେଡ଼କ୍ରସରେ ମହିଳା କଲେଜ ଛାତ୍ରୀ ପ୍ରଥମ



କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

**ବରପାଲି,୧୧।୧୧(ଚିତ୍ତରଞ୍ଜନ ସାହୁ)**

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ସୋମବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବରପାଲି ମହାବିଦ୍ୟାଳୟରେ ଜିଲାସ୍ତରୀୟ ଯୁବ ରେଡ଼କ୍ରସ ତରଫରୁ ସ୍ୱେଚ୍ଛାସେବୀଙ୍କ ପ୍ରଶିକ୍ଷଣ ଶିବିର ନଭେମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା। ଯୁବ ରେଡକ୍ରସ କାଉନସିଲର ଯତୀନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ୫ଜଣ ଛାତ୍ରୀ ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥିଲେ। ଶିବିରର ସଙ୍ଗୀତ ପ୍ରତିଯୋଗିତାରେ ରୋସ୍ନାରାଣୀ ଦାଶ ଏବଂ ରଙ୍ଗୋଲି ଓ ପ୍ରବନ୍ଧରେ ଯାଜ୍ଞସେନୀ ମହାକୁର ପ୍ରଥମ ସ୍ଥାନ ଓ ନୀଳିମା ସୂର୍ଯ୍ୟବଂଶୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। କାଉନସିଲର ନୀଳିମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଘାଏ ଦେଖତ କଲାପଟାର ବାର୍ଷିକୋତ୍ସବ

**ଗାଇସିଲେଟ,୧୧।୧୧(ଦୁର୍ଗା ପ୍ରସାଦ ତ୍ରିବେଦୀ)**

ଗାଇସିଲେଟ କଲେଜ ଛକରେ ଥିବା ଘାଏ ଦେଖତ କଲାପଟା ଚଳିତବର୍ଷ ୧୫ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ କଲେଜ ପରିସରରେ ସୋମବାର ଏହାର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଘାଏଁ ଦେଖତ କଲାପଟା ସଭାପତି ତଥା କୋଶଲି କବି ନିରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ କବି ମନୋରଞ୍ଜନ ସାହୁ ମୁଖ୍ୟ ଅତିଥି, ଡଃ ଜୟକେତନ ତ୍ରିପାଠୀ, ଗୌରଚରଣ ପ୍ରଧାନ, ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠାନର ଉପ ସଭାପତି ସମାଜସେବୀ ରଞ୍ଜନ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ଅଶେଷ କୁମାର ଦାଶ, ରଣଜିତ ପଧାନ, ମାନିନୀ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କବି ଅଧିକାରୀ ସା, ରବିଚନ୍ଦ୍ର ସାହୁ, ମୁନିରାମ କୁମ୍ଭାର, ନକୁଳ ମେହେର, ସବିତା ମେହେର, କବିତା ମିଶ୍ର, ଶେଷଦେବ ଦୀପ, କେଶବ ସାହୁ ପ୍ରମୁଖ ନିଜ ନିଜ କବିତା ଆବୃତ୍ତି କରିଥିଲେ। ଶେଷରେ ଧରିତ୍ରୀ ଗୁରୁ, ଲୁସି ଭୋଇ ନୃତ୍ୟ ପରିବେଷଣ କରିଥିଲେ। ସମ୍ପାଦକ ବୈରାଗୀ ସାହୁ ସହଯୋଗ କରିଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ।

### ଆତ୍ମା ଚେତନା ମହାସଂଘର ସତ୍‌ସଙ୍ଗ

**ସରଣ୍ଡା,୧୧।୧୧(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡା ଗ୍ରାମରେ ରବିବାର ପବିତ୍ର ଅଁଳା ନବମୀରେ ଆତ୍ମା ଚେତନା ମହାସଙ୍ଗର ପ୍ରତିଷ୍ଠାତା ସଦ୍ ଗୁରୁଦେବ ଶ୍ରୀ ସୁବାସ ଚନ୍ଦ୍ର ବାବା ମହାରାଜଙ୍କ ୭୬ ତମ ଜନ୍ମ ଦିବସ ପାଳନ ସହ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆତ୍ମା ଚେତନା ମହାସଂଘ ସଭାପତି ଅଚ୍ୟୁତାନନ୍ଦ ହୋତାଙ୍କ ପରିଚାଳନାରେ ଅନୁଷ୍ଠିତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ରମେଶ ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରଥିଲେ। ପରେ ଦେବରାଜ ପାଣିଗ୍ରାହୀ, ଗୌରୀହାରୀ ପାତ୍ର, ଶୁକଦେବ ସାହୁ, କମଳାକାନ୍ତ ସା ପ୍ରମୁଖ ପ୍ରବଚନ ଦେଇଥିଲେ। ସଂଘର ଭାଇ ଭଉଣୀମାନଙ୍କ ଦ୍ୱାରା ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା ଏବଂ ସଙ୍ଗୀତ ପରିବେଷଣ କରାଯାଇଥିଲା।

### ଜାନୁଆରୀ ୧୧ରୁ ବୋଡାସମ୍ବର କପ୍ କ୍ରିକେଟ

**ପଦ୍ମପୁର,୧୧।୧୧(ପ୍ରଦୀପ୍ତ ଦାଶ)**

୨୯ ତମ ସର୍ବଭାରତୀୟ ବୋଡ଼ାସମ୍ବର କ୍ରିକେଟ କପ୍ ୨୦୨୫ ଜାନୁଆରୀ ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥିସହ ସେହି ମାସ ୧୯ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୦ଟି ଟିମ୍ ଯୋଗ ଦେବେ। ମ୍ୟାଚ୍‌ଗୁଡ଼ିକ ୱାନ୍‌ଡେ ଫର୍ମାଟରେ ଖେଳାଯିବା ପାଇଁ ସ୍ଥିର ହୋଇଛି। ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ୪୦ ଓଭର ଲେଖାଏ ଖେଳାଯିବ। ବିଜେତା ଦଳକୁ ୭୦ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୪୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି ସୋମବାର ପଦ୍ମପୁରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବୋଡ଼ାସମ୍ବର ସୋର୍ଟିଂ ସମ୍ପାଦକ ଭରତ ପଣ୍ଡା ସୂଚନା ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧରେ ବୋଡାସମ୍ବର ସ୍ପୋର୍ଟିଂ ସଭାପତି ସୁନିଲ କୁମାର ସାହୁ, ଉପ ସଭାପତି ଅବଦୁଲ ରେହେମାନ ଅଲ୍ଲି, ସହ ସମ୍ପାଦକ ସରଜୁ ପଟ୍ଟନାୟକ, ମନିଷ ପ୍ରଧାନ, କୋଷାଧକ୍ଷ ବିଜୟ କୁମାର ଦାଶ, ସହ କୋଷାଧକ୍ଷ ଉଜ୍ଜ୍ୱଳ ଅଗ୍ରୱାଲ, ବରିଷ୍ଠ ସଦସ୍ୟ ପ୍ରଶାନ୍ତ ମହାନ୍ତି, କପିଳ ଅଗ୍ରୱାଲ, ବିକାଶ କୁମାର, ଶଙ୍କର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସଦସ୍ୟମାନେ ସୂଚନା ଦେଉଛନ୍ତି।

# ଦୁର୍ନୀତି ଅଭିଯୋଗରେ ଆମରଣ ଅନଶନ

**ଝାରବନ୍ଧ,୧୧।୧୧(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ ବଡ଼ବନ୍ଧ ମାଟିକାମରେ ଦୁର୍ନୀତି କରାଯାଇଥିବା ଅଭିଯୋଗ କରି ସ୍ଥାନୀୟ ଗ୍ରାମବାସୀ ସୋମବାରଠାରୁ ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୬ଟା) ଅନଶନସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବା ଜଣାପଡିଛି। ଅଭିଯୋଗ ଅନୁସାରେ ବଡ଼ବନ୍ଧରେ ବହୁ ବର୍ଷରୁ ପଙ୍କ ଉଦ୍ଧାର କରାଯାଉ ନ ଥିବା ଯୋଗୁ ଅଳିଆ ଆବର୍ଜନାପୂର୍ଣ୍ଣ ହୋଇଯାଇଥିଲା। ଏହା ବ୍ୟବହାର ଯୋଗ୍ୟ ହେଉ ନ ଥିଲା। ଏହାକୁ ନେଇ ଗ୍ରାମବାସୀ ଅନେକ ଥର ପ୍ରଶାସନକୁ ଜଣାଇ ପୋଖରୀର ପୁନରୁଦ୍ଧାର ପାଇଁ ଦାବି ଜଣାଇଥିଲେ। ଶେଷରେ ଉକ୍ତ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ପାଇଁ ୨୪ ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା। ପରେ ବ୍ଲକ ପ୍ରଶାସନ ପକ୍ଷରୁ ଜଣେ ଠିକାଦାରଙ୍କୁ ନିୟୋଜିତ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ କିଛି କାମ କରାଯାଇ ସମସ୍ତ ଟଙ୍କାକୁ ବିଲ୍ କରିନିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ଉଚିତ ତଦନ୍ତ ପାଇଁ ସେମାନେ ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ଯ କେହି କର୍ଣ୍ଣପାତ କରୁ ନ ଥିବା ପ୍ରକାଶ କରିଛନ୍ତି। ଏହାର ଉଚିତ ତଦନ୍ତ ନ ହେବା ଯାଏ ଅନଶନ ଜାରି ରହିବ ବୋଲି ଜିଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ରାମକୃଷ୍ଣ ପ୍ରଧାନ, ବିକାଶ ଅଗ୍ରୱାଲ, ରମ୍ଭା ପଟେଲ, ସବିତା ବାଗ, ସୁମିତ୍ରା ପଟେଲ, ଲୋକନାଥ ରଣା ପ୍ରମୁଖ ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ଏହି ଅନଶନକୁ ଝାରବନ୍ଧ ଅଞ୍ଚଳର ବିଭିନ୍ନ ସଙ୍ଗଠନ ସମର୍ଥନ ଜଣାଇଛନ୍ତି।



ଗ୍ରାମବାସୀ ଝାରବନ୍ଧ ବ୍ଲକ ସମ୍ମୁଖରେ ଅନଶନରେ ବସିଛନ୍ତି।

# ପ୍ରତ୍ୟେକ ଦିନ ମିଲେଟ୍‌ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ

## ଜିଲା ସ୍ତରୀୟ ମାଣ୍ଡିଆ ଦିବସ

ସୁନ୍ଦରଗଡ଼,୧୧।୧୧(ଜୟ ନାରାୟଣ ମେଣ୍ଡୁଲି)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ମାଣ୍ଡିଆ ଦିବସ ଅବସରରେ ରବିବାର ଭୁବନେଶ୍ୱରଠାରେ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ବେଷ୍ଟ ପରଫର୍ମିଙ୍ଗ ଜିଲାଭାବେ ସୁନ୍ଦରଗଡ଼ ଦ୍ୱିତୀୟ ପୁରସ୍କାର ଲାଭ କରିଛି। ଲୋକସେବା ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କଠାରୁ ଜିଲାପାଳ ମନୋଜ ମହାଜନ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ମାଣ୍ଡିଆର ଉତ୍ପାଦନ, ମିଲେଟ୍‌ଯୁକ୍ତ ଖାଦ୍ୟ ସାମଗ୍ରୀର ବହୁଳ ଉତ୍ପାଦନ, ଏହାର ବିକ୍ରୟ, ଚାଷୀଙ୍କ ଆର୍ଥିକ ଉନ୍ନତି, ଅଙ୍ଗନୱାଡ଼ି ଓ ଏସ୍‌ଏସ୍‌ଡି ବିଦ୍ୟାଳୟଗୁଡିକରେ ଏହାର ବଣ୍ଟନ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ହୋଇଯାଇଛି ଜିଲା ସ୍ତରୀୟ ମାଣ୍ଡିଆ ଦିବସ। କାର୍ଯ୍ୟକ୍ରମରେ ସଦର ଜିଲା କୃଷି ଅଧିକାରୀ ଦୀପ୍ତି ପଟେଲ କାର୍ଯ୍ୟକ୍ରମ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହିତ ଜିଲାରେ ଶ୍ରୀ ଅନ୍ନ ଅଭିଯାନର କାର୍ଯ୍ୟକାରିତା ଉପରେ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମଣିଷ ଜୀବନରେ ମିଲେଟର ଗୁରୁତ୍ୱ ଉପରେ କହିଥିଲେ। ତେଣୁ ନିୟମିତ ମିଲେଟ ଉତ୍ପାଦିତ ଖାଦ୍ୟ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅନ୍ୟାନ୍ୟ ଅତିଥିମାନେ ମଧ୍ୟ ପ୍ରତିଦିନ ମିଲେଟ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ପ୍ରତ୍ୟେକ ଜଣଙ୍କ ଥାଳିରେ ଏହି ସୁପର ଫୁଡ ପହଞ୍ଚାଇବା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସଂସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଷ୍ଟଲ କରାଯାଇ ମିଲେଟ ଉତ୍ପାଦିତ ଖାଦ୍ୟ ସାମଗ୍ରୀର ବିକ୍ରି ମଧ୍ୟ ହୋଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ କୁମାର ଦାସ, କୃଷି ବିଜ୍ଞାନ କେନ୍ଦ୍ର, କିରେଇର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ.ଲକ୍ଷ୍ମୀ ପ୍ରିୟା ପ୍ରଧାନ, ଆର୍‌ଆର୍‌ଟିଟିଏସ, କିରେଇର ବରିଷ୍ଠ ବୈଜ୍ଞାନିକ ସଞ୍ଜୀବ କୁମାର ବିଶ୍ୱାସୀ, ଏଲଡିଏମ୍ ଗଗନ ବିହାରୀ ଧଳ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଲେଫ୍ରିପଡାର ଜିଲା କୃଷି ଅଧିକାରୀ ପବିତ୍ର ମୋହନ ସାହୁ, ମିଲେଟ ଚାଷୀ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ସୁନ୍ଦରଗଡ,୧୧।୧୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌରାଧକ୍ଷା ତନୟା ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଅଧକ୍ଷା ହରିପ୍ରିୟା ପଟେଲ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ର ଶିକ୍ଷକ ଦେବାଶିଷ ଦାସ, ଅଶୋକ ପରିଡ଼ା ଏବଂ ରଞ୍ଜନ ମହାପାତ୍ରଙ୍କ ସହ ବନଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରି ମଶାଲ ଯାତ୍ରାରେ ବିଦ୍ୟାଳୟକୁ ଆସିଥିଲେ। ବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ବିଶ୍ୱ ଦରବାରରେ ସୁନ୍ଦରଗଡ଼ର ନାଁକୁ ଆଗକୁ ନେଇଛନ୍ତି ବୋଲି ମୁଖ୍ୟ ଅତିଥି କହିଥିଲେ। ତା'ର ସମସ୍ତ ଶ୍ରେୟ ବିଦ୍ୟାଳୟର ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ଅଧକ୍ଷା ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଶପଥ ପାଠ କରିଥିଲେ। ମୁଖ୍ୟ ଅତିଥିଙ୍କୁ ବିଦ୍ୟାଳୟ ତରଫରୁ ଉପଢୌକନ ସହ ସ୍ମୃତି ଚିହ୍ନ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷୟିତ୍ରୀ ପ୍ରିୟଙ୍କା ଜେନା, ପ୍ରୀତି ପ୍ରସାଦ, ସସ୍ମିତା ସାହୁ, ରାଜଲକ୍ଷ୍ମୀ ନାୟକ, ମାୟୀକେଲା ଖାଲଖୋ ପ୍ରମୁଖ ସହଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ସୁମିତ


@ ବିଜୟ


@ ରୁଦ୍ର ପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନିର୍ମାଣାଧୀନ ଘର ଉପରୁ ପଡ଼ି ଯୁବକ ମୃତ

ବରପାଲି,୧୦।୧୧(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ଅନ୍ତର୍ଗତ ସୁଜିଆ ଗ୍ରାମରେ ଏକ ନିର୍ମାଣାଧୀନ ଘର ଉପରୁ ପଡ଼ିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁରେନ୍ ବାଗ(୩୫)। ସୂଚନା ଅନୁସାରେ, ସୁରେନ୍‌ଙ୍କୁ ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହ ମିଳିଥିଲା। ସେ ବହୁ କଷ୍ଟରେ ଉକ୍ତ ଘର ନିର୍ମାଣ କରୁଥିଲେ। ଘର ଛାତ ପର୍ଯ୍ୟନ୍ତ ନିର୍ମାଣ ସରିଥିଲା। ବିମ୍ ପକାଯାଇଥିବା ବେଳେ କଡି ଗୁଡ଼ିକ ଚଢ଼ାଯାଉଥିଲା। ସୋମବାର ସକାଳ ସମୟରେ ସୁରେନ ଘର ଉପରେ ଚଢ଼ି ପାଣି ଦେଉଥିବା ସମୟରେ ଛାତ ଉପରେ ଥିବା ବିମ୍‌ଟି ଖୋଲିଯିବାରୁ ତଳେ ପଡି ଯାଇଥିଲେ ଓ ତାଙ୍କ ଉପରେ ବିମ୍ ପଡ଼ିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବରପାଲି ଡାକ୍ତରଖାନା ଏବଂ ପରେ ବୁର୍ଲା ଡ଼ାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସଂଘର ନୂତନ କର୍ମକର୍ତ୍ତା



ସଂଘର ନୂତନ କର୍ମକର୍ତ୍ତାମାନେ।

ସୁନ୍ଦରଗଡ,୧୧।୧୧(ଜୟ ନାରାୟଣ ମେଣ୍ଡୁଲି)

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସଂଘ ସୁନ୍ଦରଗଡ଼ ଜିଲା ଶାଖାର ସାଧାରଣ ସଭା ଓ ବାର୍ଷିକ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଇ.ମହେନ୍ଦ୍ର କୁମାର ଅମାତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରୀୟ କର୍ମକର୍ତ୍ତା ସଂଘର ସାଧାରଣ ସମ୍ପାଦକ ଇ. ଶ୍ରୀଧର ବାରିକ ମୁଖ୍ୟବକ୍ତାଭାବେ ଯୋଗଦେଇ ଦେଇଥିଲେ। ପ୍ରାରମ୍ଭରେ ସଂଘର ସାଧାରଣ ସମ୍ପାଦକ ଇ. ରାଧାଶ୍ୟାମ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଇ. ଶ୍ରୀଧର ବାରିକ ସଂଘର ବିଭିନ୍ନ ଆଭିମୁଖ୍ୟ, ବିଭିନ୍ନ ବିଭାଗରେ ଖାଲିପଡିଥିବା ପଦବୀ ପୂରଣ ତଥା ପୁରୁଣା ପେନସନ ନୀତି ତୁରନ୍ତ ଲାଗୁକରିବା ଦିଗରେ ସରକାରଙ୍କ ନିକଟରେ ଦାବି ଜଣାଇବା ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ପୂର୍ବତନ ଅତିରିକ୍ତ ମହାମଣ୍ଡଳ ସଚିବ ତଥା ସରକାରୀ ଚାକିରିରୁ ଅବସରପ୍ରାପ୍ତ ପୂର୍ବତନ ସହକାରୀ ଯନ୍ତ୍ରୀ ଇ. ପର୍ଶୁରାମ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ଏଥିରେ ଇ.ମହେନ୍ଦ୍ର କୁମାର ଅମାତ ସଭାପତି ଓ ସମ୍ପାଦକଭାବେ ଇ. ରାଧାଶ୍ୟାମ ଦାସଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଶାଖାରେ ଉପଦେଷ୍ଟାଭାବେ ଇ. ସତ୍ୟପ୍ରିୟ ସାମଲ, ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ଇ. ନିର୍ମଳ କୁମାର ପଣ୍ଡା, ଉପସଭାପତି ଭାବେ ଇ. ସୁଶାନ୍ତ କୁମାର ସେଠୀ, କୋଷାଧ୍ୟକ୍ଷଭାବେ ଇ. ସଞ୍ଜୀୟ କୁମାର ପଟେଲ, ପରିଚାଳନା ସମ୍ପାଦକ ଭାବେ ଇ. ବିଶ୍ୱନାଥ ନାୟକ, ସମୀକ୍ଷକ ଭାବେ ଇ. ସୀମାକିର୍ତ୍ତୀ ବେହେରା ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଭ୍ୟଭାବେ ଇ. ତିରୁପତି ପାତ୍ର, ଇ. ବୁଧୁରାମ ସିଂ, ଇ. ତୃପ୍ତିଲତା ବେହେରା, ଇ. ସୁଶାନ୍ତ ପଟେଲ, ଇ. ଉଷାରାଣୀ ଲୁଗୁନ, ଇ. ଅନସୂୟା ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଛି।

## ୧୭ ଅଭିଯୋଗର ତତ୍‌କ୍ଷଣାତ ସମାଧାନ

ସୁନ୍ଦରଗଡ଼, ୧୧।୧୧(ଜୟ ନାରାୟଣ ମେଣ୍ଡୁଲି)

ହେମଗିର ବ୍ଲକ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ)ଅଭିମନ୍ୟୁମାଝୀ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୧୨୦ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୬ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୬୪ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୭ଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ସେଥିମଧ୍ୟରୁ ୫ଟି ଆବେଦନ ରହିଥିଲା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ। ଏହି ଅଭିଯୋଗ ଶୁଣାଣିରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲିପାଳ ଦାଶରଥି ସରାବୁ, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ୨୨ ଘଣ୍ଟା ପରେ ହଟିଲା ରାସ୍ତାରୋକୋ

### ଟ୍ରେଲର ଧକ୍କାରେ ବାଇକ୍ ଆରୋହୀ ମୃତ୍ୟୁ ଘଟଣା

ହେମଗିର,୧୧।୧୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଗଜନବାହାଲ ପାର୍କ ନିକଟରେ ରବିବାର ଏକ ବାଇକ୍ ଓ ଟ୍ରେଲର ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ବାଇକ୍ ଆରୋହୀ ଗର୍ଜନବାହାଲ ଗ୍ରାମର ପପୁ ଅମାତଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରୋକୋ କରିଥିଲେ। ୨୨ ଘଣ୍ଟା ପରେ ଏମ୍‌ସିଏଲ ପକ୍ଷରୁ ୨ ଲକ୍ଷ ଟଙ୍କା କ୍ଷତି ପୂରଣ ଏବଂ ପ୍ରତ୍ୟେକ ମାସରେ ମୃତକଙ୍କ ପରିବାରକୁ ୧୫ ହଜାର ଟଙ୍କା ଲେଖାଏ ପ୍ରଦାନ କରିବା ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଥିଲା।

## ଏନ୍‌ପିଏସ୍ ଶିକ୍ଷକ ସଂଘ ବୈଠକ



ସୁନ୍ଦରଗଡ,୧୧।୧୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲାରେ କାର୍ଯ୍ୟରତ ଏନ୍‌ପିଏସ୍ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଏକ ବୈଠକ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଜେଡିଆର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାର ୧୭ଟି ବ୍ଲକ ମଧ୍ୟରୁ ୧୫ଟି ବ୍ଲକର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଏନ୍‌ପିଏସ୍,ଏକ୍ସ-କ୍ୟାଡର ଓ ଏମ୍‌ଏଲ୍‌ଇ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ବଟକିଶୋର ମିଶ୍ର ଓ ଆଡ୍‌ଭୋକେଟ ଉମାଶଙ୍କର ପଟେଲ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଜିଲାର ସମସ୍ତେ ଶିକ୍ଷକଙ୍କୁ ଏକତ୍ରୀକରଣ କରିବା

### ନୂତନ କର୍ମକର୍ତ୍ତା କମିଟି ଗଠିତ

ଉଦ୍ଦେଶ୍ୟରେ ସମସ୍ତ ସଙ୍ଗଠନର ଶିକ୍ଷକଙ୍କୁ ନେଇ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜିଲା କମିଟି ଗଠନ କରାଯାଇଛି। ଏଥିରେ ଜିଲା ସଭାପତି ଭାବେ ସଦର ବ୍ଲକର ସହକାରୀ ଶିକ୍ଷକ ଲକ୍ଷ୍ମଣ ପଟେଲ, ସଭାପତି ଏବଂ ସାଧାରଣ ସମ୍ପାଦକଭାବେ ଗୁରୁଣ୍ଡିଆ ବ୍ଲକର ଧରଣୀ ଧର ମଲ୍ଲିକଙ୍କୁ ନିର୍ବାଚିତ କରାଯାଇଛି। ସେହିପରି କାର୍ଯ୍ୟକାରୀ ସଭାପତିଭାବେ ସୁନୀଲ ଦାସ ଓ ଦିଗାମ୍ବର ପଟେଲଙ୍କୁ ନିର୍ବାଚିତ କରାଯାଇଛି। ଉପସଭାପତିଭାବେ ଟଗର ହନସ ଓ ପ୍ରସନ୍ନ କୁମାର ବେହେରା(ବଣାଇ)ଏବଂ ସାଙ୍ଗଠନିକ ସମ୍ପାଦକଭାବେ ଉମାଶଙ୍କର ପଟେଲ ଓ ପ୍ରକାଶ ବଡ଼େଇଙ୍କୁ ନିର୍ବାଚିତ କରାଯାଇଛି। ମିଡିଆ କୋର୍ଡିନେଟର ଭାବେ ସୁଶୀଲ କୁମାର ପତି ଓ ଲଲାଟେନ୍ଦୁ ବାରିକଙ୍କୁ ଦାୟିତ୍ୱ ଦିଆଯାଇଛି। କୋଷାଧ୍ୟକ୍ଷ ଭାବେ ସଞ୍ଜୀବ ନାଏକ ଓ ରାଜଲକ୍ଷ୍ମୀ ପଣ୍ଡା ନିର୍ବାଚିତ ହୋଇଛନ୍ତି। ଜୋନାଲ ସମ୍ପାଦକଭାବେ ୬ଜଣଙ୍କୁ ନିର୍ବାଚିତ କରାଯାଇଛି। ଜିଲା କମିଟି ଗଠିତ ହେବା ପରେ ସର୍ବସମ୍ମତି କ୍ରମେ ରାଜ୍ୟର ପ୍ରତିନିଧିଭାବେ ରାମଲାଲ ପଟେଲ, ପୁଲିନ୍ଦ୍ର ଦେହୁରିଆ, ସଚଳା ପଣ୍ଡାଙ୍କୁ ମନୋନୀତ କରାଯାଇଛି। ରାମଲାଲ ପଟେଲ ସଭା ପରିଚାଳନା କରି ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ।

## ସବ୍ ଜୁନିଅର ବାଳିକା, ବାଳକ ସିପକ ଟାକ୍ରୋ ପ୍ରତିଯୋଗିତା ଉଦ୍‌ଯାପିତ

ସୁନ୍ଦରଗଡ,୧୧।୧୧(ଜୟ ନାରାୟଣ ମେଣ୍ଡୁଲି)



ଅତିଥିଙ୍କ ସହ ଖେଳାଳି।

୨୨ତମ ରାଜ୍ୟ ସ୍ତରୀୟ ସବ୍ ଜୁନିଅର ବାଳିକା ବାଳକ ସିପକ ଟାକ୍ରୋ ପ୍ରତିଯୋଗୀତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଭବାନୀଭବନ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଗତ ୯ ତାରିଖରୁ ୨ ଦିନ ଧରି ଖେଳ ଚାଲିଥିଲା। ମୁଖ୍ୟ ଅତିଥିଭାବେ ସତ୍ୟମ ଏଣ୍ଟରପ୍ରାଇଜେସର ମାଲିକ ନିରଜ ଅଗ୍ରୱାଲ, ସମ୍ମାନିତ ଅତିଥି ସିନେ ତାରକା ପ୍ରଦୀପ ଦତ୍ତ, ରାଜ ସ୍ପୋର୍ଟସ ମାଲିକ ରାଜେଶ ମେହେର ଓ ଓଡ଼ିଶା ରାଜ୍ୟ ସିପକଟାକ୍ରୋ ସଂଘର ସାଧାରଣ ସମ୍ପାଦକ ପୃଥ୍ୱିରାଜ ସାହୁ ଉପସ୍ଥିତ ଥିଲେ। ଫାଇନାଲ ବାଳକ ମ୍ୟାଚରେ କିସ ଭୁବନେଶ୍ୱର ଦଳ ସୁନ୍ଦରଗଡ ଦଳକୁ ପରାଜିତ କରି ବିଜୟୀ ହୋଇଥିବା ବେଳେ ବାଳିକା ବିଭାଗରେ ମଧ୍ୟ କିସ ଭୁବନେଶ୍ୱର ଦଳ ଭଦ୍ରକ ଦଳକୁ ପରାଜିତ କରି ବିଜୟୀ ହୋଇଥିଲା। ଚୟନ ହୋଇଥିବା ଖେଳାଳିଙ୍କୁ କ୍ୟାମ୍ପରେ ରଖି ତାଲିମ ଦିଆଯିବ ଏବଂ ଡିସେମ୍ବରରେ କେରଳ ରାଜ୍ୟରେ ହେବାକୁ ଥିବା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ଆନ୍ତର୍ଜାତୀୟ ରେଫରୀ ବ୍ରଜ ମୋହନ ସାହୁ, ମହମ୍ମଦ ଗୁଲ୍ଲାମ, ନିରଜ ସ୍ୱାଇଁ, ଜାତୀୟ ରେଫରି ରାମଚନ୍ଦ୍ର ବାରିକ, ବ୍ରଜବନ୍ଧୁ କାଣ୍ଡି, ଲଲାଟେନ୍ଦୁ ସ୍ୱାଇଁ, କିରଣ ଶିଳା ବାର୍ଲା, ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ବିଶନାଥ ମିଶ୍ର ଓ ଗୌରାଙ୍ଗ ଚରଣ ନାୟକ ଖେଳ ପରିଚାଳନା କରିଥିଲେ। ଉକ୍ତ ଖେଳକୁ ସୁନ୍ଦରଗଡ ଜିଲା ସିପକଟାକ୍ରୋ ସଂଘ ଓ ଓଡ଼ିଶା ରାଜ୍ୟ ସିପକଟାକ୍ରୋ ସଂଘ ଆୟୋଜନ କରିଥିଲା। ଜିଲା ସେକ୍ରେଟାରୀ ରଥ ଖାଲକୋ, ରୂପକ କୁମାର ପ୍ରସାଦ, ସିଦ୍ଧାର୍ଥ ବକ୍ସି, ସଜିତ ଗୋସ୍ୱାଇଁ ମିଞ୍ଜ, ସୁଶାନ୍ତ କୁମାର ଷଡଙ୍ଗୀ, ରସାନନ୍ଦ ମହାନନ୍ଦିଆ, ବିକାଶ କୁଆ, କାଜଲ ମଗର, ରଞ୍ଜିତା ନାଏକ ପ୍ରତିଯୋଗିତାରେ ସହଯୋଗ କରିଥିଲେ। ଖେଳ ଶିକ୍ଷକମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ବାଳକ ବିଭାଗରେ ବେଷ୍ଟ ଖେଳାଳିଭାବେ ସୁନ୍ଦରଗଡ ଦଳର ଲିପନ ସେଠ ଏବଂ ବାଳିକା ବିଭାଗରେ କିସ ଭୁବନେଶରର ଲକ୍ଷ୍ମୀପ୍ରିୟା ମାଝୀଙ୍କୁ ବେଷ୍ଟ ଖେଳାଳି ଭାବେ ଚୟନ କରି ଅତିଥିଙ୍କ ଦ୍ୱାରା ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭବାନୀ ଭବନ ସ୍ପୋର୍ଟସ କମ୍ପ୍ଲେକ୍ସର କୋଚ ଲିପ୍ସା ଷଡ଼ଙ୍ଗୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ସୁଦକ୍ଷ ତାଲିମ ବଳରେ ସୁନ୍ଦରଗଡ଼ ବାଳକ ଦଳ ପ୍ରଥମ ଥର ପାଇଁ ଫାଇନାଲ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ବାଳିକା ଦଳ ସେମି ଫାଇନାଲରେ ଭାଗ ନେଇଥିଲେ। ସିନିୟର୍ ମହିଳା ବିଭାଗରେ ଭଦ୍ରକ ଏବଂ କଟକ ଦଳ ଓ ପୁରୁଷ ବିଭାଗରେ ରାୟଗଡ଼ା ଓ ସୁନ୍ଦରଗଡ ଦଳ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ ଅତି ଚିତ୍ତାକର୍ଷକ ଥିଲା। ଶେଷରେ ବିଜେତା ଓ ଉପ ବିଜେତା ଦଳଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରା ଯାଇଥିଲା।



ସୁନ୍ଦରଗଡ଼ ଇବ୍ ନଦୀ ପଠାରେ ଆୟୋଜିତ ବିହାବାଏଲ ଉତ୍ସବରେ ଅତିଥିଙ୍କୁ ପୁରସ୍କୃତ କରାଯାଇଛି।

## ମଦ ଜବତ, ୨ ଗିରଫ

ବଡ଼ଗାଁ,୧୧।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅବକାରୀ ବିଭାଗ ଚଢାଉ କରି ଏକମା ଓ ଆଲୁଡେଗା ଗ୍ରାମରୁ ଦେଶୀ ଓ ବିଦେଶୀ ମଦ ଜବତ କରି ଜଣେ ମହିଳା ଓ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ମାମଲା ରୁଜୁ କରିଛି। ସେମାନେ ହେଲେ ଏକମା ଗାଁର ଶଶି ମାଝୀ ଏବଂ ଆଲୁଡେଗା ଗ୍ରାମର ପଙ୍କଜିନୀ ମହାନନ୍ଦିଆ। ଅବକାରୀ କର୍ମଚାରୀ ଶଶିଙ୍କ ନିକଟରୁ ୪ ଲିଟର ବିଦେଶୀ ମଦ ଜବତ କରିଥିବା ବେଳେ ପଙ୍କଜିନୀଙ୍କ ନିକଟରୁ ୧୪ ଲିଟର ଦେଶୀ ମଦ ଜବତ କରିଛି।

## ସଂକ୍ଷେପରେ

### ଶ୍ରୀପୁରା ଗୌରାଙ୍ଗ ମଠରେ ଅଁଳା ନବମୀ, ମହାରୁଦ୍ରାଭିଷେକ ପୂଜା

ଝାରସୁଗୁଡ଼ା,୧୧।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ତଥା ପଶ୍ଚିମ ଓଡିଶାର ଗୌରାଙ୍ଗ କୀର୍ତ୍ତନ ପେଣ୍ଠସ୍ଥଳୀ ଶ୍ରୀପୁରା ଗୌରାଙ୍ଗ ମଠରେ ଅଁଳା ନବମୀ ଏବଂ ମହାରୁଦ୍ରାଭିଷେକ ପୂଜା ପାଳିତ ହୋଇଯାଇଛି। ଗୌରାଙ୍ଗ ମଠରେ ମୁଖ୍ୟ ପୂଜକ ପୂର୍ଣ୍ଣଚନ୍ଦ ପାଢ଼ୀ ଏବଂ ସହଯୋଗୀ ଗୌରାଙ୍ଗ ଧରୁଧା ଅଁଳା ନବମୀର ସମସ୍ତ ପୂଜା ଅର୍ଚ୍ଚନା କରିଥିଲେ। ଆଖପାଖ ଅଞ୍ଚଳର ବିଭିନ୍ନ ଗୌରାଙ୍ଗ କୀର୍ତ୍ତନ ଭକ୍ତବୃନ୍ଦ ଶ୍ରୀପୁରା ବୃନ୍ଦାମାଲ, ଖେରୁଆଲ, ଗୁମକାରଣା ତଥା ଗୌରାଙ୍ଗ ପ୍ରେମୀ ଭକ୍ତମାନେ କୀର୍ତ୍ତନ ପରିବେଷଣ କରିଥିଲେ। ମଠରେ ପୂଜା ଯାଉଥିବା



ମା' ଜଗଦ୍ଧାତ୍ରୀଙ୍କ ପୂଜା ହୋଇଥିଲା। ପୁଣି ସୋମବାର ଶ୍ରୀପୁରା ଓ ବୃନ୍ଦାମାଲର ସମସ୍ତ ଭକ୍ତବୃନ୍ଦ ମହାରୁଦ୍ରାଭିଷେକ ପୂଜାରେ ଯୋଗଦେଇଥିଲେ। ଶେଷଦେବ ଗୁରୁ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ପଣ୍ଡିତ ଭାବେ ସୁରେନ୍ଦ୍ର ମିଶ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତିଦିନ ଗୌରାଙ୍ଗ ମଠରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ କରାଯାଇଛି। ପ୍ରକାଶ ଥାଉ କି ମନ୍ଦିରରେ ୧୯୮୯ଠାରୁ ପ୍ରତିବର୍ଷ କାର୍ତ୍ତିକ ମାସ ପଞ୍ଚକରେ ମହାସମାରୋହରେ ପୂଜା ହୋଇଥାଏ।

### କୁକୁରଜଙ୍ଗା ଜଗନ୍ନାଥ ମନ୍ଦିରରେ ନୀଳଚକ୍ର ପ୍ରତିଷ୍ଠା ଉତ୍ସବ

ଝାରସୁଗୁଡ଼ା,୧୧।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲାର ଶ୍ରୀକ୍ଷେତ୍ର କୁହାଯାଉଥିବା କୁକୁରଜଙ୍ଗା ଜଗନ୍ନାଥ ମନ୍ଦିରରେ ନୀଳଚକ୍ର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଜଗନ୍ନାଥ ମନ୍ଦିରର ଚୂଳରେ ବିରାଜିତ ଥିବା ପୂର୍ବ ନୀଳଚକ୍ର ବର୍ଷାଖରା ଦ୍ୱାରା ନଷ୍ଟ ହୋଇଯାଇଥିଲା। ଯାହା ପ୍ରାୟ ୫ବର୍ଷ ପୂର୍ବେ ମନ୍ଦିରରେ ପ୍ରତିଷ୍ଠିତ ହୋଇଥିଲେ। ମନ୍ଦିର କମିଟି ଓ ଜଗନ୍ନାଥ ପ୍ରେମୀ ଭକ୍ତମାନେ କାର୍ତ୍ତିକ ମାସର ପଞ୍ଚକରେ ନୀଳଚକ୍ରକୁ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପ୍ରତିଷ୍ଠା ଉତ୍ସବରେ ବାବାଜୀ ପ୍ରେମାନନ୍ଦ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ଭାବେ ଅକ୍ଷୟ ମିଶ୍ର ଏବଂ କର୍ତ୍ତା ଭାବେ ଅନିରୁଦ୍ଧ ସିଂ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଉତ୍ସବରେ କୁକୁରଜଙ୍ଗା ଗ୍ରାମବାସୀଙ୍କ ସହିତ ଆଖପାଖ ଅଞ୍ଚଳର ବହୁ ଭକ୍ତ ଯୋଗଦାନ କରିଥିଲେ। ଏହି ଅବସରରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୧୧୬ ପ୍ରକଳ୍ପ



ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଦେବଗଡ଼,୧୧।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ତିଲେଇବଣି ବ୍ଲକ ଅନ୍ତର୍ଗତ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବୈଜ୍ଞାନିକ ଡ଼.ଶେଷ କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱପ୍ନକୁ ସାକାର କରିବାକୁ ହେଲେ ବିଭିନ୍ନ ବାଧାବିଘ୍ନକୁ ଦୃଢ଼ତାର ସହିତ ମୁକାବିଲା କରିବାକୁ ପଡିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼, ସୁଗୁଡା ପଞ୍ଚାୟତ ସମିତି ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ଦେବତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମଡ଼, ସୁଶାନ୍ତ କୁମାର ସାହୁ, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ରହି କୁନି ବୈଜ୍ଞାନିକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ତ୍ରିନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସୁନନ୍ଦା ପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଦର୍ଶନୀ ମେଳାରେ ମୋଟ ୧୧୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଦେବଗଡ଼ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡ଼. ଦିନେଶ କୁମାର ରାୟ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ମନୋରଞ୍ଜନ ମାର୍ଣ୍ଡି, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଉଦୟ କୁମାର ପ୍ରଧାନ, ସତ୍ୟନାରାୟଣ ସାହୁ ଯୋଗଦେଇଥିଲେ। ଏହି ଅବସରରେ ମୋଟ ସାତଟିସ୍ତରରୁ ବରିଷ୍ଠ ବର୍ଗରେ ୭ଟି, କନିଷ୍ଠ ବର୍ଗରୁ ୭ଟି ଓ ଉପକନିଷ୍ଠ ବର୍ଗରୁ ୩ଟି ପ୍ରକଳ୍ପ ମନୋନୀତ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। ଅପରାହ୍ନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱ ଓ ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇଙ୍କ ପରିଚାଳନାରେ ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ବୈଜ୍ଞାନିକ ପରେଶ କୁମାର ମାଝି ଯୋଗଦେଇ ଜଣେ ଛାତ୍ର କିମ୍ବା ଛାତ୍ରୀ ବୈଜ୍ଞାନିକ ହେବା ନିମନ୍ତେ କ'ଣ ଆବଶ୍ୟକତା ରହିଥାଏ ସେ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଏକ କବିତା ମାଧ୍ୟମରେ ବିଜ୍ଞାନକୁ ଜାଣିବା ସମ୍ପର୍କରେ ଆଲୋକପାତ କରାଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମଡ଼, ସୁଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମେଳା ଆୟୋଜନରେ ଗୋଷ୍ଠୀ ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ, ବିଦ୍ୟାଳୟ ଶିକ୍ଷକ ହରେନ କୁମାର ସାହୁ, ହିମାଂଶୁ ଶେଖର ଦେହୁରୀ, ଅନୀଲ କୁମାର, ତ୍ରିବେଣୀ କାନ୍ତ ସାହୁ, ଶିକ୍ଷୟିତ୍ରୀ ଦୀପିକା ମିଞ୍ଜ, ରଶ୍ମିତା ପ୍ରଧାନ, ସାଫଲ୍ୟ ଆଚାର୍ଯ୍ୟ, ସିଆର୍‌ସିସି ଅଶୋକ କୁମାର ସାହୁ, ଭେନସ କୁମାର ପ୍ରଧାନ, ଚୂଡ଼ାମଣି ସାହୁ, ଉଦୟନାଥ ପ୍ରଧାନ, କ୍ଷିତୀଶ କୁମାର ପ୍ରଧାନ, ପ୍ରଧାନଶିକ୍ଷକ ପରମାନନ୍ଦ ବସନ୍ତରା, ରମେଶ ସାହୁ, ଶିକ୍ଷକ ବୀରବର ପ୍ରଧାନ ମନୋଜ କୁମାର ବେହେରା, ପିଣ୍ଟୁ ସାହୁ, ସଦାନନ୍ଦ ସାହୁ, ଭବାନୀକାନ୍ତ ପ୍ରଧାନ, ବିଭୁତି ଧଳ, ଭୋଲେଶ୍ୱର ପ୍ରଧାନ, ସୁଧୀର କୁମାର ଦାସ, ଫକୀର ମୋହନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ବ୍ରଜରାଜନଗର,୧୧।୧୧(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳ ଓପିଏ ଏମ ବାଳକ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ବ୍ରଜରାଜନଗର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ରବୀନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଝାରସୁଗୁଡ଼ା ବ୍ଲକର ପ୍ରାଇମେରୀ ସ୍କୁଲରୁ ୧୨, ଉଚ୍ଚ ପ୍ରାଇମେରୀ ସ୍କୁଲରୁ ୭୨ ଓ ଉଚ୍ଚ ବିଦ୍ୟାଳୟରୁ ୪୧ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ମୋଟ ୧୨୫ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୭ ବିଭାଗରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭବେ ୨୧ଜଣଙ୍କୁ ମନୋନୀତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଈଶ୍ୱର ଦତ୍ତ ସୁନା, ବୈଭବ ପଟେଲ, ଅମୁଷ୍ମିତା ନାଗ, ଅମାନ ରଣା, ଦିବ୍ୟ ଶତନାମୀ, ଆକାଶ ପଟେଲ, ଶ୍ରେୟସୀ ପଶାୟା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏମାନଙ୍କ ମଧ୍ୟରୁ ଜିଲାସ୍ତରୀୟ ମେଳା ପାଇଁ ଚୟନ କରାଯିବ ବୋଲି ଚୟନ କମିଟି ସୂତ୍ରରୁ ପ୍ରକାଶ। ଉଦ୍‌ଯାପନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସା, ସତ୍ୟବ୍ରତ ସାହୁ, ତନ୍ମଇ ଶୁଭଶ୍ରୀ ପିଙ୍ଗ, ସଂଯୁକ୍ତ ପାଟ୍ଟଯୋଶୀ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ରାଜ କିଶୋର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ବ୍ରଜରାଜନଗର ସର୍କଲ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଚାନ୍ଦୁ ରାମ ଭୋଇ, ଆୟୋଜକ କମିଟି ସଭାପତି ସୁଶାନ୍ତ କୁମାର ଘୁତା, ସମ୍ପାଦକ ସୁପ୍ରିୟା ପଣ୍ଡାଙ୍କ ସହିତ ଜିତେନ୍ଦ୍ର, ଡ଼ୋଲାମଣୀ ପଟେଲ, ସୁମନ୍ତ ପଟେଲ, ଅଶ୍ୱିନୀ ବନଛୋର, ଶିବ ପ୍ରଧାନ ଓ ଓପିଏଏମ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ସହାୟତା ପ୍ରଦାନ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ବାଇକ୍‌କୁ ଧକ୍କା ଦେଲା ଟ୍ରକ୍: ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ଦେବଗଡ଼,୧୧।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା କଲା ଛକ ନିକଟରେ ଭାରସାମ୍ୟ ହରାଇ ବାଇକ୍‌କୁ ଏକ ଫଳ ବୋଝେଇ ଟ୍ରକ୍ ଧକ୍କାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଅନୁଗୋଳ ଜିଲା ପାଲଲହଡା ଥାନା କଂସର ଗ୍ରାମର ନଳିନୀ ପ୍ରଧାନ। ସୂଚନା ଅନୁସାରେ କଂସର ଗ୍ରାମର ଲଳିତ ପ୍ରଧାନ ଏବଂ ତାଙ୍କ ସ୍ତ୍ରୀ ନଳିନୀ ଏକ ବାଇକ୍ (ନଂ.ଓଆର୧୯ବି-୭୨୩୮) ଯୋଗେ କୌଣସି କାମରେ କଲା ଗ୍ରାମକୁ ଆସିଥିଲେ। ଅପରାହ୍ନ ପ୍ରାୟ ୩ଟାରେ କଲା ଗାଁ ରାସ୍ତାରୁ ୪୯ ନମ୍ବର ଜାତୀୟ ରାଜପଥକୁ ଆସୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଫଳ ବୋଝେଇ ଟ୍ରକ୍ (ନଂ. ଡବ୍ଲୁବି-୨୩-ଡି-୧୬୨୪) ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ବସିଥିବା ଉଭୟ ସ୍ୱାମୀ ଓ ସ୍ତ୍ରୀ ରାସ୍ତାରେ ଛିଟିକି ପଡିଥିବା ବେଳେ ନଳିନୀଙ୍କ ଉପରେ ଟ୍ରକ୍ ଚାଲି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ନଳିନୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଲଳିତଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଫେରାର ହୋଇଯାଇଥିବା ବେଳେ କିଛି ଦୂରରେ ଥିବା ଟୋଲ ଗେଟରେ ଅଟକି ଥିଲେ। ପୋଲିସ ଟ୍ରକ୍ ଚାଳକଙ୍କୁ ଅଟକ ରଖିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ମୃତକଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ସୁମିତ



@ ବିଜୟ



@ ରୁଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚନ୍ଦ୍ରଶେଖର ଆଜାଦ ଇକୋ ପାର୍କ ଉଦ୍‌ଘାଟିତ

ବ୍ରଜରାଜନଗର,୧୧।୧୧(ବିଜୟ ବରାଡ଼)

ଓରିଏଣ୍ଟ କ୍ଷେତ୍ର ଅନ୍ତର୍ଗତ ୪- ନମ୍ବର ଭୂତଳ କୋଇଲା ଖଣିଠାରେ ନବ ନିର୍ମିତ ଚନ୍ଦ୍ରଶେଖର ଆଜାଦ ଇକୋ ପାର୍କ ପ୍ରଥମ ଭାଗକୁ ସୋମବାର କୋଇଲା ସଚିବ ବିକ୍ରମ ଦେବ ଦତ୍ତ ଲୋକାର୍ପଣ କରିଛନ୍ତି। ମୋଟ ୨ ହେକ୍ଟର ଜମି ଉପରେ ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚରେ ଏହାର ନିର୍ମାଣ କରାଯାଇଛି। ଉଦ୍‌ଘାଟନୀରେ କୋଇଲା ଯୁଗ୍ମ ସଚିବ ସଞ୍ଜୀବ କୁମାର କାସୀ, କୋଲ ଇଣ୍ଡିଆ ଲିମିଟେଡ଼ ଅଧ୍ୟକ୍ଷ ପିଏମ ପ୍ରସାଦ, ଏମ୍‌ସିଏଲ୍ ସିଏମଡି ଉଦୟ ଅନନ୍ତ କାଉଲେ ପ୍ରମୁଖ ଉପସ୍ଥିତ ଥିଲେ। କୋଇଲା ସଚିବ ମଞ୍ଚ ପରିଚାଳନା ଉପାଲି ଇପଶିତା ଦାଶ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ସିଏଲ୍ ବୈଷୟିକ ନିର୍ଦ୍ଦେଶକ ଅକ୍ଷୟ ଶ୍ରୀକାନ୍ତ ବାପଟ, ଓରିଏଣ୍ଟ ମହାପ୍ରବନ୍ଧକ ଅଜୟ ନାମଯୋଶୀ, ଇବ ଭ୍ୟାଲି ମହାପ୍ରବନ୍ଧକ ଅୱଧ କିଶୋର ପାଣ୍ଡେ, ଲଖନପୁର ଖଣି କ୍ଷେତ୍ର ମହାପ୍ରବନ୍ଧକ ସଞ୍ଜୟ ଝା, ମହାଲକ୍ଷ୍ମୀ ଖଣି କ୍ଷେତ୍ର ମହାପ୍ରବନ୍ଧକ ସତ୍ୟଜିତ ଓଝା, ବସୁନ୍ଧରା ଖଣି କ୍ଷେତ୍ର ମହାପ୍ରବନ୍ଧକ ପିବି ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଓରିଏଣ୍ଟ ମହାପ୍ରବନ୍ଧକଙ୍କ ତତ୍ତ୍ୱାବଧାନରେ କମଳ କିଶୋର ନାୟକ, ଭିକାରୀ ଚରଣ ବେରିହା, ଅଶୋକ ଗଡ଼ନାୟକ, ନୌଶାଦ ଅଲି ପ୍ରମୁଖ ସହଯୋଗ କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୧୧।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୨୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୦ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୂହିକ ଅଭିଯୋଗ ରହିଥିବା ଜଣାପଡିଛି। ବିଶେଷ କରି ଧାନ ମରୁଡି ସମସ୍ୟା, ପାନୀୟ ଜଳ, ନୂତନ ରାସ୍ତା ନିର୍ମାଣ ଓ ବିଦ୍ୟୁତ୍ ସମସ୍ୟା ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଗ୍ରସନ ଓରାମ, ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାଏକ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ୨୩ ରନ୍‌ରେ ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଳ ବିଜୟୀ

ଦେବଗଡ଼,୧୧।୧୧(ଶଶାଙ୍କ ଶେଖର ଝାଙ୍କର)

**ଆନ୍ତଃ ଜିଲା କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଓଡ଼ିଶା କ୍ରିକେଟ୍ ଆସୋସିଏଶନ ନିଷ୍ପତ୍ତିକ୍ରମେ ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଆନ୍ତଃ ଜିଲା କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବାମଣ୍ଡା କ୍ରିକେଟ୍ କ୍ଲବ୍ ବନାମ ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଳ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ବୁଢ଼ାପାଳ ଦଳ ୨୩ ରନ୍‌ରେ ବିଜୟୀ ହୋଇଛି। ବୁଢ଼ାପାଳ ଦଳ ଟସ୍ ଜିତି ନିର୍ଦ୍ଧାରିତ ୩୫ ଓଭରରେ ୮ଉଇକେଟ ହରାଇ ୨୬୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଓମ୍‌ରାଜ୍ ପ୍ରଧାନ ୫୦, ପପୁ ଘଟୁଆଲ୍ ୪୬ ଓ ପ୍ରଦୀପ ସାହୁ ୪୨ ରନ କରିଥିବା ବେଳେ ବାମଣ୍ଡା ଦଳର ଦିଶାନ୍ତ ଶଙ୍କାର ୩ ଓ ସିଦ୍ଧାର୍ଥ ନାୟକ ୨ଟି ଉଇକେଟ ନେଇଥିଲେ। ଏହାର ଜବାବରେ ବାମଣ୍ଡା ଦଳ ଖେଳ ଆରମ୍ଭ କରି ୩୫ ଓଭରରେ ୯ ଉଇକେଟ ହରାଇ ୨୪୦ରନ ସଂଗ୍ରହ କରି ୨୩ ରନ୍‌ରେ ପରାଜୟ ହୋଇଥିଲା। ଦଳ ପକ୍ଷରୁ ଶ୍ରୀୟାନ୍ସ ଆଚାର୍ଯ୍ୟ ୭୧, ଆଦର୍ଶ ଭଞ୍ଜ ୫୧ ଓ ଶକ୍ତିବ୍ରତ ନାଏକ୍ ୩୭ ରନ କରିଥିବା ବେଳେ ବୁଢ଼ାପାଳ ଦଳର ଓମ୍ ରାଜ୍ ପ୍ରଧାନ ୩ ଓ ହରିଚନ୍ଦ୍ର ଭୋଇ ୨ଟି ଉଇକେଟ ନେଇଥିଲେ। ଜିଲା କ୍ରିକେଟ ସଂଘ ସମ୍ପାଦକ ଇ. ସୁଜିତ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ଖେଳାଳି ପ୍ରଦୀପ ମହାପାତ୍ର, କୌଳାସ ମୋଦି, ପ୍ରଭାସ ମିଶ୍ର, ମନୋଜ ଶତପଥୀ, ଜିଲା କ୍ରୀଡା ସମ୍ପାଦକ ଧୀରେନ୍ଦ୍ର ନାୟକ, ଉପସଭାପତି ନବୀନ କୁମାର ପାଣି ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସେହିପରି କ୍ରିକେଟ ସଂଘର ଅଶୋକ ନନ୍ଦ, ସତ୍ୟ ନାରାୟଣ ପାଣି, ପ୍ରଶାନ୍ତ ଦେବତା, ଅଭୟ ନନ୍ଦ, ସୁବାସ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚକୁ ଅମ୍ପାୟାର ସଞ୍ଜୟ କୁମାର ନାୟକ ଓ ରାଜା ରାଣା ପରିଚାଳନା କରିଥିଲେ। ସେହିପରି ରୋମି ନାୟକ ଓ ରିତିକ ଦେହୁରୀ ସ୍କୋରର ଏବଂ ବେଣୁଧର ଗଡ଼ନାୟକ ଧାରବିବରଣୀ ପ୍ରଦାନ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

# ଶିଶୁ ଦିବସ ଉପଲକ୍ଷେ ବିଚାର ବିଭାଗ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ଦେବଗଡ଼,୧୧।୧୧(ଶଶାଙ୍କ ଶେଖର ଝାଙ୍କର)




ଆସନ୍ତା ୧୪ ତାରିଖରେ ପାଳିତ ହେବାକୁ ଥିବା 'ଶିଶୁ ଦିବସ' ପରିପ୍ରେକ୍ଷୀରେ ଦେବଗଡ ଜିଲା ଜଜ୍ ଅଦାଲତ ପକ୍ଷରୁ ରବିବାର ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଜିଲା ଜଜ୍ ଗୌତମ ଶର୍ମାଙ୍କ ତତ୍ତ୍ୱାବଧାନରେ ଜିଲା ଶିକ୍ଷା ବିଭାଗ ସହାୟତାରେ ଆୟୋଜିତ 'ଭିନ୍ନକ୍ଷମ ଶିଶୁଙ୍କ ଅଧିକାର' ଶୀର୍ଷକ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବଗଡ କେନ୍ଦ୍ରୀୟ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ରୀ ଅନୁଷ୍କା ପ୍ରଧାନ ପ୍ରଥମ ସ୍ଥାନ, ଦେବଗଡ କେନ୍ଦ୍ରୀୟ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ଟୀଶା ତନିଷ୍କା ପ୍ରଧାନ ଦ୍ୱିତୀୟ ଏବଂ କଣ୍ଢେଇ ନୋଡାଲ ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀ ଶାନ୍ତିଲତା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଚିତ୍ରଶିଳ୍ପୀ ଚିତରଞ୍ଜନ ଦାସ, ସମୀର ରଞ୍ଜନ ପ୍ରଧାନ ଓ ଜନ୍ମେଜୟ ନାୟକ ମୂଲ୍ୟାୟନ କରିଥିଲେ। ଅପରାହ୍ନରେ ସୁରଭୀ ବରାଇଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଜଜ୍ ଗୌତମ ଶର୍ମା, ଫ୍ୟାମିଲୀ ଜଜ୍ ଅନୁପ କୁମାର ଚନ୍ଦନ, ଅତିରିକ୍ତ ଜିଲା ଓ ଦୌରାଜଜ୍ ସନ୍ତୋଷ କୁମାର ନାୟକମଂଚାସୀନ ରହି କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ସହ ଯଥାକ୍ରମେ ୨୫୦୦, ୨୦୦୦ ଓ ୧୫୦୦ ଟଙ୍କା ମୂଲ୍ୟର ଉପହାର ପ୍ରଦାନ କରିଥିଲେ। ଅନୁରୂପ ଭାବେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ୫୦୦ ଟଙ୍କା ମୂଲ୍ୟର ଉପହାର ପ୍ରଦାନ କରାଯାଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଶାନ୍ତ କୁମାର ବେହେରା, ସବଜଜ୍ ମନୋରଞ୍ଜନ ମିଶ୍ର, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଅପୂର୍ବା ଚୌଧୁରୀ, ମହିଳା କୋର୍ଟ ବିଚାରପତି ସାନ୍ତାଶ୍ରୀ ମହାନ୍ତି, ରେଜିଷ୍ଟ୍ରାର ବିଶ୍ୱଜିତ ମହାପାତ୍ର, ଏସ୍‌ଡିଜେଏମ୍ ଲିଙ୍କିପ୍ରିୟା ସାହୁ, ରିଆମାଳ ଜେଏମ୍‌ଏଫ୍‌ସି ବିନୟ କୁମାର ସାହୁ ଓ ଦେବଗଡ ଜେଏମ୍‌ଏଫ୍‌ସି ସୁସ୍ମିତା ରଥ ଓ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀଣି ଶକୁନ୍ତଳା ଟେଟେ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ପ୍ରଶାସନିକ ଅଧିକାରୀ ପ୍ରଦୀପ କୁମାର ବିଶ୍ୱାଳଙ୍କ ସମେତ ଜିଲା ଜଜ୍ କୋର୍ଟର ବ୍ରହ୍ମଦତ ପ୍ରଧାନ, ରଞ୍ଜନ କୁମାର ନାୟକ, ମୁନା ସାହୁ, ତ୍ରିନାଥ ନାୟକ, ଭୀମସେନ ମହନ୍ତ, ଆଶିଷ ମହାନ୍ତି, ଟିକେଶ୍ୱର ଗଡନାୟକ, ସୁପ୍ରଭା ମହାରଣା, ସାଗରିକା ବେହେରା ଓ ଧରଣୀଧର ଦେହୁରୀ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ଜିଲା ମୋଟ ୩୨ଟି ବିଦ୍ୟାଳୟର ୧୨୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

